## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବିରୋଧ ଭୟ

# ସରପଞ୍ଚ, ସମିତିସଭ୍ୟଙ୍କୁ ଉଠାଇ ନେଲା ପୁଲିସ

ବଲାଙ୍ଗିର, ୨୭ ।୩(ସମିସ)



- ପୂର୍ବତନ ସାଂସଦ ବାଲଗୋପାଳଙ୍କ ଧାରଣା
- ପୁଲିସ କାର୍ଯ୍ୟାନୁଷ୍ଠାନକୁ ବିଜେଡି ନେତାଙ୍କ ନିନ୍ଦା

ବଲାଙ୍ଗିରରେ ବିଜେପି ନେତାଙ୍କୁ ବିରୋଧ ଭୟ ଘାରୁଛି । ବିଶେଷ କରି ଲୋଇସିଂହା ନିର୍ବାଚନମଣ୍ଡଳିରୁ ପ୍ରତିନିଧିତ୍ୱ କରୁଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଏହି ଭୟ ଘାରିଛି । ବର୍ତ୍ତମାନ ସମୟରେ ଏସସିବି ଅଗ୍ନିକାଣ୍ଡ ଘଟଣାରେ ସେ ବିବାଦୀୟ ରହିଛନ୍ତି । ଶୁକ୍ରବାର ତାଙ୍କ ଲୋଇସିଂହା ଗସ୍ତ ପୂର୍ବରୁ ବିନା କୌଣସି ଦୋଷରେ ଆଗଲପୁର ବ୍ଲକ ବେନ୍ଦ୍ରା ସରପଞ୍ଚ ଓ ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ ଲୋଇସିଂହା ପୁଲିସ ରାତିଅଧିଆ ଉଠାଇ ଆଣି ଅଟକ ରଖିଥିଲା । ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ପୁଲିସର ଏହିଭଳି କାର୍ଯ୍ୟକଳାପକୁ ପୂର୍ବତନ ସାଂସଦ ଓ ବିଜେଡି ନେତା ନିନ୍ଦା କରିଛନ୍ତି । ତେବେ ଏହା ପୂର୍ବରୁ ମଧ ସମ୍ପୃକ୍ତ ସରପଞ୍ଚଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଜୋରଜବରଦସ୍ତ ପୁଲିସ ଏକ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ଶୁକ୍ରବାର ଲୋଇସିଂହା ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଲୋଇସିଂହା ଗସ୍ତରେ ଆସିଥିଲେ । ତାଙ୍କର ଏହି ଗସ୍ତ ସମୟରେ ସେ ଲୋଇସିଂହାରେ ଏକ ଶୋଭାଯାତ୍ରାରେ ଉପସ୍ଥିତ ରହିବା ସହ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବାର ସ୍ଥିର ହୋଇଥିଲା । ତେବେ ତାଙ୍କ ଗସ୍ତ ପୂର୍ବରୁ ଗୁରୁବାର ବିଳମ୍ବିତ ରାତି ପ୍ରାୟ ୨ ସମୟରେ ବେନ୍ଦ୍ରା ସରପଞ୍ଚ ରବୀନ୍ଦ୍ର ସାହୁ ଓ ସମିତି ସଭ୍ୟାଙ୍କ ସ୍ୱାମୀ ଉତ୍ତମ ଭୋଇଙ୍କୁ ଲୋଇସିଂହା ପୁଲିସ ଉଠାଇ ଆଣି ଥାନାରେ ଅଟକ ରଖିଥିଲା । ଶୁକ୍ରବାର ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ତେବେ କାହିଁକି ଏହି ଦୁଇ ବ୍ୟକ୍ତିଙ୍କୁ ପୁଲିସ ଅଟକ ରଖିଛି ସେନେଇ କିଛି ସ୍ପଷ୍ଟ ସୂଚନା ମିଳିନି । ସେମାନଙ୍କ କିଛି ସମର୍ଥକଙ୍କ କହିବା ଅନୁସାରେ ଗାଁରେ ହେଉଥିବା ନାମଯଜ୍ଞ କାର୍ଯ୍ୟକ୍ରମରେ ମନ୍ତ୍ରୀ ଯୋଗଦେବାର ଥିଲା । ତାହା ପୂର୍ବରୁ ବିଜେପି କର୍ମୀମାନେ ମଣ୍ଡପରେ ମନ୍ତ୍ରୀଙ୍କ ପୋଷ୍ଟର ଲଗାଇଥିଲେ; ଯେହେତୁ ତାହା ଏକ ଧାର୍ମିକ ସ୍ଥଳ । ସେଠାରେ ରାଜନୀତି କରିବାକୁ ନେଇ ଅନେକ ଲୋକ ବିରୋଧ କରିଥିଲେ । ପରେ ସେହି ପୋଷ୍ଟର ନେଇ ଅନ୍ୟତ୍ର ରଖି ଦିଆଯାଇଥିଲା । ଏହି ଘଟଣା ପରେ ମନ୍ତ୍ରୀଙ୍କ କିଛି ସମର୍ଥକ କୁଆଡେ ମନ୍ତ୍ରୀଙ୍କୁ ପୋଷ୍ଟର ଚିରାଫିଙ୍ଗା କରାଯାଇଥିବା ନେଇ ସୂଚନା ଦେଇଥିଲେ । ପରେ ମନ୍ତ୍ରୀ ପୁଲିସକୁ ଫୋନ କରି ତାଙ୍କୁ ଥାନାରେ ଅଟକ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିବା କିଛି ସମର୍ଥକ କହିଛନ୍ତି । ଏହା କେତେ ସତ ତାହା ପୁଲିସ ସ୍ପଷ୍ଟ କରିବା କଥା; କିନ୍ତୁ ବିନା ଦୋଷରେ ଦୁଇ ବ୍ୟକ୍ତିଙ୍କୁ ଥାନାରେ ରାତି ସାରା ଅଟକ ରଖିବାକୁ ନେଇ ପୂର୍ବତନ ସାଂସଦ ବାଲଗୋପାଳ ମିଶ୍ର ଓ ସ୍ଥାନୀୟ ବିଜେଡି ନେତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଶୁକ୍ରବାର ମଧ୍ୟାହ୍ନରେ ପୂର୍ବତନ ସାଂସଦ ଶ୍ରୀ ମିଶ୍ର ଥାନା ସମ୍ମୁଖରେ ଧାରଣା ଦେଇଥିଲେ । ପୁଲିସର ଏହିଭଳି କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ଉଭୟଙ୍କୁ କେଉଁ ଅପରାଧରେ ଅଟକ ରଖାଯାଇଛି ବୋଲି ପ୍ରଶ୍ନ କରିଥିଲେ । ସେହିପରି ସ୍ଥାନୀୟ ବିଜେଡି ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା ଏହିଭଳି ଘଟଣାକୁ ନିନ୍ଦା କରିଥିଲେ । ବ୍ଲକ ବିଜେଡି ସଭାପତି ସରୋଜ ବେହେରା, ବିଜେଡି ଯୁବନେତା ପ୍ରକାଶ ମହାରଣାଙ୍କ ସମେତ ଅନ୍ୟ ବିଜେଡି ନେତାମାନେ ଥାନାରେ ପହଞ୍ଚି ଏହି ୨ ବ୍ୟକ୍ତିଙ୍କୁ ଶୀଘ୍ର ଛାଡିବା ପାଇଁ ଦାବି କରିଥିଲେ । ସୂଚନାଯୋଗ୍ୟ ଯେ କିଛି ମାସ ପୂର୍ବରୁ ମଧ ବେନ୍ଦ୍ରା ସରପଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ପୁଲିସ ଗିରଫ କରିଥିବା ଅଭିଯୋଗ ହୋଇଥିଲା । ରାମପୁର ନିକଟରେ ଏକ ଗ୍ରୀଡ ଉଦ୍‌ଘାଟନ ସମୟରେ ତାଙ୍କ ପଞ୍ଚାୟତ କିମ୍ବା ଗ୍ରାମର ନାମ ଉଲ୍ଲେଖ ନ କରିବା ନେଇ କିଛି ଲୋକ ଅସନ୍ତୋଷ ପ୍ରକାଶ କରିଥିଲେ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସେହି ସଭାରେ ଯୋଗଦେଇଥିବା ବେଳେ ପରିସ୍ଥିତିକୁ ଦେଖି ଭୁଲ୍ ମାଗିଥିଲେ; କିନ୍ତୁ ତାହାର ୨ ଦିନ ପରେ ସରପଞ୍ଚ ରବୀନ୍ଦ୍ର ସାହୁ ଢାବାରେ ମଦ ବିକ୍ରି କରୁଥିବା ଅଭିଯୋଗ କରି ପୁଲିସ ତାଙ୍କୁ ଉଠାଇନେଇ ଗିରଫ କରିଥିଲା । ରାଜନୈତିକ କାରଣ ରଖି ଗିରଫ କରାଯାଇଥିବା ସେହି ସମୟରେ ଅଭିଯୋଗ ହୋଇଥିଲା । ତେବେ ଏହିଭଳି ଭାବେ କିଛି ଦିନ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ କୁଶଙ୍ଗ ଗସ୍ତ ପୂର୍ବରୁ ସଦର ପୁଲିସ କୁଶମେଲ ସରପଞ୍ଚଙ୍କୁ ଥାନାରେ ଅଟକ ରଖିଥିଲା । ଏହିଭଳି ଘଟଣା ଜିଲ୍ଲାରେ ବଢ଼ିବାକୁ ଲାଗିଛି । ନିଜ ନିର୍ବାଚନମଣ୍ଡଳୀରେ ମନ୍ତ୍ରୀଙ୍କୁ ଏହିଭଳି ବିରୋଧ ଭୟ ଚର୍ଚ୍ଚାର କାରଣ ପାଲଟିଛି ।

## ରାମ ନବମୀରେ ଚଳଚଞ୍ଚଳ ବଲାଙ୍ଗିର

**ବଲାଙ୍ଗିର, ୨୭।୩(ସମିସ):** ପବିତ୍ର ରାମ ନବମୀ ଅବସରରେ ସାରା ବଲାଙ୍ଗିର ଆଜି ଉତ୍ସବ ମୁଖର ହୋଇଥିଲା । ଡେଲିମାର୍କେଟସ୍ଥିତ ଶ୍ରୀ ରାମଚରିତ ମାନସ ମନ୍ଦିର, ମାଲପଡ଼ାସ୍ଥିତ ରାମସ୍ୱାମୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା । ଏହି ଅବସରରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର କୁଟୁମଡୋଲାର ଦେବାଳୟ ସହ ବଲାଙ୍ଗିର ସହର ମଧ୍ୟରେ ଥିବା ବିଭିନ୍ନ ମନ୍ଦିରରେ ପହଞ୍ଚି ଦର୍ଶନ କରିଥିଲେ ।

**ବେଲପଡ଼ା :** ବେଲପଡ଼ା ବ୍ଲକ ମଣ୍ଡଳ ଗ୍ରାମ ମାଉସୀ ମା ମନ୍ଦିରରେ ୫୮ତମ ଶ୍ରୀ ରାମନବମୀ ପାଳିତ ହୋଇଛି । ସୁଶୀଲ ଖମାରୀ, ଶୁକଦେବ ଠାକୁର, ନନ୍ଦୀ କିଶୋର ପରୁଆ, ବିଦ୍ୟାଭୂଷଣ ଖମାରୀ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ । ସେହିଭଳି ଭାବଗ୍ରାହୀ ଖମାରୀ, ସୁଧୀର ଖମାରୀ, ଶ୍ରୀଧର ଖମାରୀ, ମଟର ବଗର୍ତ୍ତୀ, ଦଶରଥୀ ଅଗସ୍ତି, ଦୀନେଶ ଚନ୍ଦ୍ର ଖମାରୀ, ସୁରେନ୍ଦ୍ର ଖମାରୀ, ବାଙ୍କ ବିହାରୀ ଠାକୁର, ସୁଦାମ ଖମାରୀ, ବୁଲୁ ବଗର୍ତ୍ତୀ, ଜନ୍ମେଜୟ ଖମାରୀ ପ୍ରମୁଖ ସହଯୋଗ କରିଥିଲେ ।

## ଶ୍ରୀ ଜଗନ୍ନାଥ ପବ୍ଲିକ ସ୍କୁଲ ଉଦ୍‌ଘାଟିତ

**ବଲାଙ୍ଗିର, ୨୭।୩(ସମିସ):** ବଲାଙ୍ଗିର ରେଲୱେ ରୋଡ୍‌ରେ ଶ୍ରୀ ଜଗନ୍ନାଥ ପବ୍ଲିକ ସ୍କୁଲ ଉଦ୍‌ଘାଟିତ ହୋଇଛି । ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ସନ୍ତୋଷ ମୋଦୀ, ମନୋଜ ଜୈନ, ଶ୍ରୀକାନ୍ତ ଶର୍ମା, ଶିକ୍ଷାବିତ୍ ମନୋରଞ୍ଜନ ସାହୁ, ଭବାନୀ ଶଙ୍କର ଶତପଥୀ, ବୁଲୁ ଦାନୀ, ନିରଞ୍ଜନ ହାତୀ, କବିଚନ୍ଦ୍ର ବାଗ, ପ୍ରେମାନନ୍ଦ ମିଶ୍ର, ଉମାଶଙ୍କର ପଣ୍ଡା, ଶଙ୍କର ମାଝି, ସନୋଜ ମିଶ୍ର, ହିମାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ବଡ଼ବନ୍ଧ ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଦେଓଗାଁ, ୨୭।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବଡବନ୍ଧରେ ୯ ଦିନ ବ୍ୟାପି ଚାଲିଥିବା ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି । ଗ୍ରାମବାସୀଙ୍କ ଆୟୋଜନ କ୍ରମେ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ୫୬ ପ୍ରହର ନାମଯଜ୍ଞ, ନବାହ୍ନ ପାରାୟଣ ଓ ପଞ୍ଚକୁଣ୍ଡୀୟ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ତ୍ତା ଭାବେ ରୂପାଧର ସେଠ ଓ ସବିତା ସେଠ, ଯୁଗଳ କିଶୋର ମେହେର ଓ ତାଙ୍କ ପତ୍ନୀ ପଦ୍ମିନୀ ମେହେର, ସୁଶୀଳ ଚାନ୍ଦ ଓ ତାଙ୍କ ପତ୍ନୀ ରଶ୍ମିତା ଚାନ୍ଦ ଦାୟିତ୍ୱ ନିର୍ବାହ କରିଥିଲେ । ପୂଜକ ଭାବେ ସୁଦର୍ଶନ ପୁରୋହିତ ଓ ବ୍ୟାସ ଭାବେ ମିଳନ ମିଶ୍ର ଯୋଗ ଦେଇଥିଲେ । ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂ ଦେଓ, ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ଯୁବନେତା ବିଶ୍ୱଜିତ ପାତ୍ର, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବରିଷ୍ଠ ନେତା ଲକ୍ଷ୍ମଣ ମେହେର ପ୍ରମୁଖ ଯୋଗ ଦେଇଥିଲେ ।

## ମୁରସିଂ ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି



**ଦେଓଗାଁ, ୨୭।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ମୁରସିଂ ଗାଁରେ ଅସରାଏ ବର୍ଷା ହେଲେ ପାଣି ନିଷ୍କାସିତ ହୋଇ ପାରୁନି । ଆଣ୍ଠୁଏ ପାଣି ଜମା ହେଉଚି । ଏଣୁ ଲୋକେ ହନ୍ତସନ୍ତ ହେଉଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ହଠାତ ଝଡତୋଫାନ ସହ ବର୍ଷା ହୋଇଥିଲା । ଏହାଫଳରେ ଗାଁ ମୁଖ୍ୟ ରାସ୍ତାରେ ପାଣି ଜମି ଗୋଟିଏ ପୋଖରୀର ଭ୍ରମ ସୃଷ୍ଟି କରିଥିଲା । ଗାଁର ଛୋଟ ଶିଶୁଙ୍କଠୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ପାଣିରେ ଯାଆସ କରୁଥିବାର ନଜରକୁ ଆସିଥିଲା ।

## ଯୁବ ଫୁଟବଲ ଖେଳାଳିଙ୍କ ପରଲୋକ



**ମୁରିବାହାଲ, ୨୭ ।୩(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା ବ୍ଲକପଡ଼ାର ଯୁବ ଫୁଟବଲ ଖେଳାଳି କୁମର କରୁଆଁ ଆଉ ନାହାନ୍ତି । ଶୁକ୍ରବାର ଅପରାହ୍ନ ସାଢେ ୨ଟାରେ ତାଙ୍କର ଅକାଳ ମୃତ୍ୟୁ ଘଟିଛି । ମୃତ୍ୟୁ ବେଳେକୁ ତାଙ୍କୁ ୨୮ ବର୍ଷ ହୋଇଥିଲା । ଅଞ୍ଚଳରେ ସେ ଜଣେ ଜଣାଶୁଣା ଫୁଟବଲ ଗୋଲ କିପରଭାବେ ପରିଚିତ । ସେ ମୁରିବାହାଲ ଫୁଟବଲ ଟିମ୍ ପାଇଁ ଅନେକ ଥର ଚାମ୍ପିଅନ କପ ଏବଂ ସିଲ ଆଣିଥିଲେ । ତାଙ୍କ ମୃତ୍ୟୁରେ ସ୍ତ୍ରୀ ସରିତା କରୁଆଁ, ପୁଅ ରୋହନ କରୁଆଁ, ବାପା ଭୀମ କରୁଆଁ, ମାଁ ସମ୍ବାରି କରୁଆଁ, ବଡ଼ ଭାଇ ସୁଦର୍ଶନ କରୁଆଁ, ବଡ଼ ଭାଉଜ ପ୍ରିୟା କରୁଆଁ, ବଡ଼ ଭିଣୋଇ କାର୍ତ୍ତିକ ହାତୀ, ବଡ଼ ଭଉଣୀ ବିଳାସିନୀ ହାତୀ, ସାନଭଉଣୀ ତପସ୍ୱିନୀ ବାଗ, ସାନ ଭିଣୋଇ ଶିବ ବାଗ ପ୍ରମୁଖ ଭାଙ୍ଗି ପଡ଼ିଛନ୍ତି ।

## ପେନସନ ଭାଲିଡେସନ୍ ଆକ୍ଟ-୨୦୨୫ ପ୍ରତ୍ୟାହାର ଦାବି



**ବୀରମହାରାଜପୁର, ୨୭ ।୩(ସମିସ):** ପେନ୍‌ସନ୍ ଭାଲିଡେସନ୍ ଆକ୍ଟ-୨୦୨୫ ପ୍ରତ୍ୟାହାର ପାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଏକ ଏକ ସ୍ମାରକପତ୍ର ଦିଆଯାଇଛି । ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ଏକତା ମଞ୍ଚ, ଭୁବନେଶ୍ୱରର ସଦସ୍ୟ ଧନୁ ପଧାନଙ୍କ ନେତୃତ୍ୱରେ ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନର ସଭାପତି ଦୟାନିଧି ହୋତା, ଉପ ସଭାପତି ରାଧେଶ୍ୟାମ ପୁରୋହିତ, ପୂର୍ବତନ ସଭାପତି ଡ. ପ୍ରଫୁଲ୍ଲ ରଥ ଓ ଭଗବାନ ମିଶ୍ରଙ୍କ ସହ ସଦସ୍ୟ ଜ୍ଞାନେନ୍ଦ୍ର ତ୍ରିପାଠୀ, ସତ୍ୟ ନାରାୟଣ ନାୟକ ପ୍ରମୁଖ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କୁ ଭେଟିଥିଲେ । ଏହି ଭାଲିଡେସନ୍ ଆକ୍ଟ ଏକ କଳା ଆଇନ୍ । ଏହାକୁ ପ୍ରତ୍ୟାହାର ନ କଲେ ପେନ୍‌ସନ୍ ଭୋଗୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । ସେମାନେ ସରକାରଙ୍କଠାରୁ ଉଚିତ ନ୍ୟାୟ ପାଇବାରୁ ବଞ୍ଚିତ ହେବେ ବୋଲି ଦର୍ଶାଯାଇଛି । ତେବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜେଲିନା ପଧାନଙ୍କୁ ଏହା ପ୍ରଦାନ କରାଯାଇଥିଲା ।

## ହରିଶଙ୍କର ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି

**ଖପ୍ରାଖୋଲ, ୨୭ ।୩(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ପଞ୍ଚାୟତ ସମିତି ସଭା ଗୃହରେ ଦେବୋତ୍ତର ବିଭାଗ ତରଫରୁ ହରିଶଙ୍କର ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଶୁକ୍ରବାର ଏହା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଦେବୋତ୍ତର କର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ ମେହେର ମେଳା ପରିଚାଳନା ଉପରେ ଆଲୋଚନା କରିଥିଲେ । ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା କିପରେ ଠିକ୍ ଭାବେ ହୋଇପାରିବ ସେ ଉପରେ ଆଲୋଚନା ହୋଇଥିଲା । ମେଳାକୁ ସଫଳ କରିବା ପାଇଁ ଉପ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ମେଳା ପରିଚାଳନା ପାଇଁ ଦେବୋତ୍ତର କମିଟି ସଦସ୍ୟ, ସରକାରୀ ଅଧିକାରୀ ଓ ସବ୍ କମିଟି ସଦସ୍ୟଙ୍କୁ ନେଇ ଗତ ବର୍ଷ ଗଠିତ ହୋଇଥିବା କମିଟିକୁ ପୁନଃ କାର୍ଯ୍ୟକ୍ଷମ ସହ ଇଚ୍ଛୁକ ନୂତନ ସଦସ୍ୟ ମଧ ସାମିଲ ପାଇଁ ଉପ ଜିଲ୍ଲାପାଳ କହିଥିଲେ । ଏହି ଅବସରରେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ପାଟଣାଗଡ଼ ବିଡ଼ିଓ ସୁମନ ମିଞ୍ଜ, ବେଲପଡ଼ା ବିଡ଼ିଓ ରାଜେଶ ମେହେର, ପାଟଣାଗଡ଼ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ପୀତବାସ ସାହା, ଥାନା ଅଧିକାରୀ ନରେନ୍ଦ୍ର ଛତର, ଡାକ୍ତର ଓମପ୍ରକାଶ ଯୋଶୀ, ହରିଶଙ୍କର ମନ୍ଦିର ମ୍ୟାନେଜର ଗୁପ୍ତେଶ୍ୱର କୁଅଁର ବିଭିନ୍ନ ବିଭାଗର ଅଧିକାରୀ, ଦେବୋତ୍ତର କମିଟି ସଦସ୍ୟ, ସବ୍ କମିଟି ସଦସ୍ୟ, ହରିଶଙ୍କର ବଣିକ ସଂଘ ସଦସ୍ୟ, ଜନସାଧାରଣ ଯୋଗ ଦେଇଥିଲେ ।

## ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଛାଡିଦେଲେ



- ଟଙ୍କା ନେଇ ଅନୁକମ୍ପା ଦେଖାଇଲେ ଖଣି କର୍ମଚାରୀ
- ଖବର ପ୍ରକାଶ ନ କରିବାକୁ ଗୁହାରି ଅଡ଼ିଓ ଭାଇରାଲ

**ପାଟଣାଗଡ଼, ୨୭ ।୩ (ସମିସ):** ପାଟଣାଗଡ଼ ବ୍ଲକ ଗେରଡ଼ା ଗାଁ ନଦୀ ପଠାରୁ ବାଲି ଚାଲାଣ ବେଳେ ଜବତ ହୋଇଥିବା ୩ଟି ଟ୍ରାକ୍ଟରକୁ ଖଣି ବିଭାଗ ଛାଡି ଦେଇଛି । ଗତ ୧୩ ତାରିଖ ସକାଳ ୬ଟା ୪୦ରେ ବଲାଙ୍ଗିର ଖଣି ବିଭାଗ ନଦୀପଠାରେ ଚଢ଼ଉ କରିଥିଲା । ଏହି ସମୟରେ ବାଲିଘାଟର ଲିଜ୍ ନ ଥିବା ଜଣା ପଡ଼ିଥିଲା । ବେଆଇନ ଭାବେ ଟ୍ରାକ୍ଟର ଗୁଡିକରେ ବାଲି ବୋଝେଇ ହୋଇଥିବା ଖଣି ବିଭାଗ ଜାଣିବାକୁ ପାଇଥିଲା । ଏହାପରେ ଗାଡ଼ିଗୁଡ଼ିକ ଜବତ କରାଯାଇଥିଲା । ତେବେ ଏ ବିଷୟରେ ଜଣେ ଗଣମାଧମ ପ୍ରତିନିଧି ଖଣି ବିଭାଗର କର୍ମଚାରୀଙ୍କୁ ଫୋନ୍ କରିଥିଲେ । ସମ୍ପୃକ୍ତ କର୍ମଚାରୀ ଜଣକ କିନ୍ତୁ ନ୍ୟୁଜ୍ ନ ବାହାର କରିବାକୁ ଗୁହାରି କରିଥିଲେ । ବାଲି ବୋଝେଇ ଟ୍ରାକ୍ଟରକୁ ଛାଡି ଦେଇଥିବା କହିବା ସହ ମୁଁ ତାଙ୍କୁ କହିଦେବି ଆପଣଙ୍କୁ ଭେଟିବ ବୋଲି କର୍ମଚାରୀ ଜଣକ କହିଛନ୍ତି । ଏହି ବାର୍ତ୍ତାଳାପର ଏକ ଅଡ଼ିଓ ଭାଇରାଲ ହୋଇଛି । ଏହି ଘଟଣାରେ ଚଢ଼ଉରେ ସାମିଲ ଥିବା ଖଣି ବିଭାଗର କର୍ମଚାରୀ ୮୦ ହଜାର ଟଙ୍କା ଡିଲ୍ କରି ଟ୍ରାକ୍ଟର ଛାଡିଦେଇଥିବା ଶୁଣିବାକୁ ମିଳିଛି । ଖଣି ବିଭାଗର ଏଭଳି କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ବେଆଇନ ବାଲି ବୋଝେଇ ଟ୍ରାକ୍ଟର ମାଲିକଙ୍କ ନାଁରେ ଖଣି ବିଭାଗ କାହିଁକି ଥାନାରେ ମାମଲା ଦେଲାନି ଓ ବେଆଇନ ଚାଲାଣ ହେବାକୁ ଥିବା ବାଲି ବୋଝେଇ ଟ୍ରାକ୍ଟରଗୁଡିକୁ କାହିଁକି ଛାଡିଦେଲା ଏହି ଅଡ଼ିଓ ତାହା ସ୍ପଷ୍ଟ କରୁଛି ।

## ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ

**ବଲାଙ୍ଗିର, ୨୭ ।୩ (ସମିସ):** ସଦାଇପାଲି ସାଇଟ କଲେଜରେ ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢ଼ୀ ସ୍ୱାଗତ



ଭାଷଣ ଦେଇଥିଲେ । ସମ୍ପାଦକ କପିଳେଶ୍ୱର ଖମାରୀ ସମ୍ପାଦକୀୟ ଅଭିଭାଷଣ ଦେଇଥିଲେ । ଉପଦେଷ୍ଟା ଦୁର୍ଗା ପ୍ରସାଦ ହୋତା, ସଭ୍ୟ ଶିବଶଙ୍କର ଖୁଆସ, ମନୋରଞ୍ଜନ ମିଶ୍ର, ଅଭିରାମ ପ୍ରଧାନ, କୈଳାସଚନ୍ଦ୍ର ମହାପାତ୍ର, ନଳିନୀକାନ୍ତ ମିଶ୍ର, ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ । ସ୍ମରଣିକା ସମ୍ପାଦନା ମଣ୍ଡଳିରେ ପଦ୍ମଚରଣ ଆଚାର୍ଯ୍ୟଙ୍କ ସହ ଅଚ୍ୟୁତାନନ୍ଦ ବହିଦାର, ମଧୁସୂଦନ ନାୟକ, ସିନୁ ସୁନ୍ଦର ପାଢ଼ୀ, ଗୋବିନ୍ଦ ମିଶ୍ର, ସୁନିଲ ଚନ୍ଦ୍ର ବିଶ୍ୱାଲ ଏବଂ କୃଷ୍ଣଚନ୍ଦ୍ର ନାଥଙ୍କୁ ସର୍ବ ସମ୍ମତିକ୍ରମେ ଚୟନ କରାଯାଇଛି । ଉପ-ସଭାପତି ଅଶୋକ ଚାନ୍ଦ ଏବଂ ଉପ-ସଭାପତି ଇଂ. ହରେକୃଷ୍ଣ ମେହେର ଅଭିଭାଷଣ ରଖିଥିଲେ । ବଲାଙ୍ଗିର ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ର, ସମ୍ପାଦକ ମଧୁସୂଦନ ନାୟକ, କାର୍ଯ୍ୟକାରୀ ସଦସ୍ୟ ସତ୍ୟବାଦି ନାୟକ, ଡ. ପ୍ରମୋଦ ମିଶ୍ର, ସୁନିଲ ଚନ୍ଦ୍ର ବିଶ୍ୱାଲ ଓ ଗୋପବନ୍ଧୁ ପୁରୋହିତଙ୍କୁ ସମ୍ମାନିତ କରାଯାଇଥିଲା । ନୂତନ ଆଜୀବନ ସଭ୍ୟ ଭାବେ ନଳିନିକାନ୍ତ ମିଶ୍ର ଓ କବିରାଜ ହୋତାଙ୍କୁ ସ୍ୱାଗତ କରାଯାଇଥିଲା । କୋଷାଧ୍ୟକ୍ଷ ଚୁଡେନ୍ଦ୍ର ବେହେରା ଆୟ ବ୍ୟୟ ରଥ୍ୟ ରଖିଥିଲେ । ଶେଷରେ ସହ-ସମ୍ପାଦକ ସୁନିଲ ଚନ୍ଦ୍ର ବିଶ୍ୱାଲ ଧନ୍ୟବାଦ ଦେଇଥିଲେ ।

## ହେଲ୍ପେଜ ଇଣ୍ଡିଆ ତରଫରୁ ଉପକରଣ ପ୍ରଦାନ



**ଦେଓଗାଁ, ୨୭।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଲେପାଲିରେ ଥିବା ବୟୋଜ୍ୟେଷ୍ଠ ନାଗରିକ ଆବାସର ଅନ୍ତେବାସୀଙ୍କୁ ଭୁବନେଶ୍ୱର ହେଲ୍ପେଜ ଇଣ୍ଡିଆ ତରଫରୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି । ସଂସ୍ଥାର ପ୍ରତିନିଧିମାନେ ବୟୋଜ୍ୟେଷ୍ଠ ନାଗରିକ ଆବାସର ଅନ୍ତେବାସୀଙ୍କ ଲାଗି ଅଣ୍ଟା ବେଲ୍ଟ, ହ୍ୱିଲ ଚେୟାର, ବାଡି, ଆଣ୍ଠୁ ବେଲ୍ଟ, ଆଙ୍କ୍ଲ ଗାର୍ଡ ଆଦି ପ୍ରଦାନ କରିଛନ୍ତି । ନନ୍ଦିକିଶୋର ଷାଣ୍ଢ, ଅଧୀକ୍ଷକ ରମାକାନ୍ତ ସାହୁ, ଶିବ ପ୍ରସାଦ ସାହୁ, ଚତୁର୍ଭୁଜ ଭୋଇ, ସଞ୍ଜୁ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

## ଫାଇନାଲ୍ କ୍ରିକେଟ ମ୍ୟାଚ୍: ପାତଲପଡ଼ା ଚାମ୍ପିଅନ




**ମୁରିବାହାଲ, ୨୭ ।୩(ସମିସ):** ବଲାଙ୍ଗିର ଜିଲ୍ଲା ମୁରୀବାହାଲ ବ୍ଲକ ମାଲିଶିରା ପଞ୍ଚାୟତ ଦେଶିଲ ଗ୍ରାମ ଖେଳ ପଡ଼ିଆରେ ୭ ଦିନ ଧରି ଚାଲିଥିବା ଫାଇନାଲ କ୍ରିକେଟ ମ୍ୟାଚ୍ ଶେଷ ହୋଇଛି । ପାତଲପଡ଼ା ଓ ଗୁଞ୍ଜିତରା ମଧ୍ୟରେ ଶୁକ୍ରବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ପାତଲପଡ଼ା ପ୍ରଥମେ ବ୍ୟାଟିଂ କରି ୮ ୱିକେଟ ବିନିମୟରେ ୧୧୩ ରନ୍ ସଂଗ୍ରହ କରିଥିଲା । ଗୁଞ୍ଜିତରା ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୬୪ ରନ୍ ସଂଗ୍ରହ କରିଥିଲା । ପାତାଲପଡ଼ା ଦଳ ୪୯ ରନ୍‌ରେ ବିଜୟ ଲାଭ କରି ଚାମ୍ପିଅନ ହୋଇଥିଲା । ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ସମ୍ମାନୀୟ ଅତିଥି ଭାବେ ବିଜେଡି ଯୁବ ନେତା ଗିରିରାଜ ସିଂ ମାଝୀ, ପୂର୍ବତନ ସରପଞ୍ଚ ଡୁଲମନି ବାଗ, ଅଗସ୍ତି ବାଗ, ସ୍ୱେଚ୍ଛାସେବୀ ଚୋରାସି ସୁନା ପ୍ରମୁଖ ମଞ୍ଚାସୀନ ଥିଲେ । ସୁକଦେବ ତାଣ୍ଡି, ସେନାପତି ରନ୍ତେ, ତପନ ଦୀପ, ପିଣ୍ଟୁ ଦୀପ, ହେମ ସାଗର ବାଗ, ଟଙ୍କଧର ବାଗ, ବୈକୁଣ୍ଠ ନାଗ, ଶଙ୍କର ବାଗ ପ୍ରମୁଖ ସହଯୋଗ କରିଥିଲେ । ବୃନ୍ଦିଶ୍ୟାମ ମାଝି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଣନିଃଶ୍ୱାସୀ କରୁଛି ସଂକୀର୍ଣ୍ଣ ରାସ୍ତା

ବଲାଙ୍ଗିର, ୨୭ ।୩(ସମିସ)



- ରାସ୍ତାକଡ଼ ମାଡ଼ିବସିଛନ୍ତି ଜବରଦଖଲକାରୀ
- ବଡ଼ ପ୍ରତିଷ୍ଠାନର ପାର୍କିଂ ବ୍ୟବସ୍ଥା ନାହିଁ
- ରିଂରୋଡ ଛକରୁ ଗାନ୍ଧୀ ନଗରପଡ଼ା ପର୍ଯ୍ୟନ୍ତ ରାସ୍ତା ଜାମ୍
- ସଂକୀର୍ଣ୍ଣ ରାସ୍ତା ଯୋଗୁଁ ବଢ଼ୁଛି ସମସ୍ୟା
- ବଡ଼ ଗାଡ଼ି ବ୍ରେକ୍ ଡାଉନ କିମ୍ବା ଦୁର୍ଘଟଣାଗ୍ରସ୍ତ ହେଲେ ପରିସ୍ଥିତି ଅଣାୟତ୍ତ

ବଲାଙ୍ଗିର ସହରବାସୀଙ୍କ ପାଇଁ ରାସ୍ତା ଜାମ ବଡ ସମସ୍ୟା ପାଲଟିଛି । ଗଳିକନ୍ଦି ସହ ଜାତୀୟ ରାଜପଥରେ ବି ଅନେକ ସମୟରେ ରାସ୍ତା ଜାମ ଭଳି ପରିସ୍ଥିତି ସୃଷ୍ଟି ହେଉଛି । ବିଶେଷ କରି ବଲାଙ୍ଗିର-ବରଗଡ଼ ୨୬ ନଂ ଜାତୀୟ ରାଜପଥ ଗାନ୍ଧିନଗରପଡ଼ା ରିଂରୋଡ ଛକ ପର୍ଯ୍ୟନ୍ତ ଏହି ଜାମ ସମସ୍ୟା ଅଧିକ ରହୁଛି । ସାମାନ୍ୟ ଗୋଟିଏ ଗାଡି ବ୍ରେକ୍ ଡାଉନ ପଡ଼ିଲେ ବି ଲୋକେ ରାସ୍ତାଜାମରେ ଫସି ରହୁଛନ୍ତି ।

ବଲାଙ୍ଗିର ସହର ଦେଇ ୨୬ ନଂ ଜାତୀୟ ରାଜପଥ ଯାଇଛି । ଏହାଫଳରେ ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡି ଚଳାଚଳ କରୁଛି । ଲୋଇସିଂହା ପଟୁ ଏହା ବଲାଙ୍ଗିରକୁ ପ୍ରବେଶ ପଥ । ଏଣୁ ଅନେକ ସମୟରେ ଏହି ରାଜପଥରେ ଜାମ୍ ହେଉଛି । ବିଶେଷ କରି ଗାନ୍ଧିନଗରପଡ଼ାରୁ ରିଂରୋଡ ଛକ ବା ସତ୍ୟନାରାୟଣପଡ଼ା ଛକ ପର୍ଯ୍ୟନ୍ତ ଏହି ରାସ୍ତାରେ ଜାମ୍ ହେଉଛି । ଜାତୀୟ ରାଜପଥ ହୋଇଥିଲେ ମଧ ଏହି ଅଞ୍ଚଳରେ ରାସ୍ତା ଚଉଡ଼ା ହେବା ବଦଳରେ ସଂକୀର୍ଣ୍ଣ ରହିଛି । ଏହି ରାସ୍ତାରେ ଏକ ବଡ ନର୍ସିଂହୋମ, ଗାଡି ଶୋ' ରୁମ, ଏକ ବିବାହ ମଣ୍ଡପ, ଘରୋଇ କଲେଜ, ମାର୍କେଟ କଂପ୍ଲେକ୍ସ, ପେଟ୍ରୋଲି ଟାଙ୍କି ରହିଛି । କାହାର ମଧ ପାର୍କିଂ ବ୍ୟବସ୍ଥା ନାହିଁ । ନିର୍ମାଣ ହୋଇଥିବା ଦୋକାନ ବା ପ୍ରତିଷ୍ଠାନ ଆଗରେ ରାସ୍ତା ଉପରେ ଗାଡିଗୁଡିକ ପାର୍କିଂ କରାଯାଉଚି । ଏଣୁ ରାସ୍ତା ଅତି ସଂକୀର୍ଣ୍ଣ ହୋଇ ରହିଛି । ଏହି ରାସ୍ତାରେ ଲକ୍ଷ୍ମୀଜୋର ମଧ ପଡୁଛି । ଏହା ଉପରେ ଥିବା ପୋଲ ମଧ ଆବଶ୍ୟକତା ଅନୁସାରେ ଚଉଡ଼ା ନାହିଁ । ରାସ୍ତାର ଉଭୟ କଡରେ ପୁରୁଣା ନିମ୍ବ ଗଛ ରହୁଛି । ରାସ୍ତାକୁ ଲାଗି ବିଦ୍ୟୁତ୍ ଖୁଣ୍ଟ ମଧ ରହିଛି । ଏହାର ସୁଯୋଗ ନୋଇ ବ୍ୟବସାୟୀମାନେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ପର୍ଯ୍ୟନ୍ତ ରାସ୍ତାକୁ ବେଆଇନ ଭାବେ ଜବରଦଖଲ କରି ରଖିଛନ୍ତି । ବିଶେଷ କରି ଏଡିଫିସ ମ୍ୟାରେଜ ପ୍ୟାଲେସର ପାର୍କିଂ ବ୍ୟବସ୍ଥା ନାହିଁ । ଏଣୁ କୌଣସି କାର୍ଯ୍ୟକ୍ରମ ହେଲେ ରାସ୍ତା ଉପରେ ବହୁ ସଂଖ୍ୟାରେ ଗାଡି ରହୁଛି । ଘରୋଇ କଲେଜର ବସ୍ ଯିବା ଆସିବା ସମୟରେ ରାସ୍ତାରେ ଉପରେ ଛିଡା ହୋଇ ରହୁଛି ।

ସେହିପରି ରାସ୍ତାକୁ ଲାଗିଥିବା ନର୍ସିଂହୋମ ଅଳ୍ପ କିଛି ପାର୍କିଂ ସ୍ଥାନ ରଖିଛି । ହେଲେ ଲୋକେ ରାସ୍ତା କଡରେ ଗାଡି ରଖୁଛନ୍ତି । ଏଭଳି ପରିସ୍ଥିତିରେ ଏହି ରାସ୍ତାରେ ଯଦି ଏକ ବସ୍ କିମ୍ବା ଟ୍ରକ୍ ବ୍ରକ୍ ଡାଉନ କିମ୍ବା ଦୁର୍ଘଟଣାଗ୍ରସ୍ତ ହେଲା ତେବେ କଥା ସରିଲା । ସହରକୁ ପ୍ରବେଶ ରାସ୍ତା ପ୍ରାୟତଃ ବନ୍ଦ ହୋଇଯାଉଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଅନ୍ୟପକ୍ଷରେ କିଛି ମାସ ତଳେ ବରପାଲିରୁ ବଲାଙ୍ଗିର ପର୍ଯ୍ୟନ୍ତ ୨୬ ନଂ ଜାତୀୟ ରାଜପଥ ଚଡ଼ଡ଼ା କରାଯାଇଥିଲା; କିନ୍ତୁ ବଲାଙ୍ଗିର ସହରର ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଥିବାରୁ ମାଧିଆପାଲି ବ୍ରିଜ ପର୍ଯ୍ୟନ୍ତ ହିଁ କାମ କରାଯାଇଥିଲା । ଏହାଫଳରେ ଏହା ରାଜପଥ ହୋଇଥିଲେ ମଧ ତାହା ସଂକୀର୍ଣ୍ଣ ରହିଛି । ଏହାକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ସମସ୍ୟାର ସମାଧାନ ପୂର୍ବକ ରାସ୍ତାରୁ ବେଆଇନ ଜବରଦଖଲ ଉଚ୍ଛେଦ କରି ରାସ୍ତା ପ୍ରଶସ୍ତ କରିବା, ରାସ୍ତାକୁ ଲାଗି ରହିଥିବା ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର କରିବା ଦିଗରେ ପୁଲିସ ଓ ପ୍ରଶାସନ ଉଦ୍ୟମ କରିବାକୁ ଲୋକେ ଦାବି କରିଛନ୍ତି ।

# ସବୁଠି ଜୟ ଶ୍ରୀରାମ ଧ୍ୱନୀ

## ● କେସିଙ୍ଗା ଧର୍ମନଗରୀ

**କେସିଙ୍ଗା, ୨୭ ।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଧର୍ମନଗରୀ ଶ୍ରୀରାମ ନବମୀ ପାଳନ ପାଇଁ ଚଳଚଞ୍ଚଳ ହୋଇ ଉଠିଛି ।ରାମନବମୀ ପାଳନ ମାସେ ଆଗରୁ ଆୟୋଜକ କେସିଙ୍ଗା ରାମ ଭକ୍ତୋ କି ଟୋଲି ଓ ଅନ୍ୟାନ୍ୟ ସଂଗଠନ ତରଫରୁ ପ୍ରସ୍ତୁତି ଆରମ୍ଭ ସହିତ ସହରକୁ ଅତି ସୁନ୍ଦର ଭାବରେ ସଜାଇଥିଲା । କାର୍ଯ୍ୟକ୍ରମର ପ୍ରସ୍ତୁତି ଅନୁଯାୟୀ ଶୁକ୍ରବାର ଦିନ ଭୋରରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।ପ୍ରଥମେ କେସିଙ୍ଗା ହରିମଣ୍ଡଳୀ ଦ୍ୱାରା ପ୍ରଭାତ ଫେରି କରାଯିବା ସହିତ ସକାଳ ୯ ଘଣ୍ଟା



ସମୟରେ ସ୍ଥାନୀୟ ବଲାଙ୍ଗୀର ଛକ ସ୍ଥିତ ହନୁମାନ ମନ୍ଦିରରୁ ଜଗନ୍ନାଥ ମନ୍ଦିର ମନ୍ଦିର ପର୍ଯ୍ୟନ୍ତ ବାଜା, ରୋଷଣୀ ଡିଜେ ସହିତ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ବାଇକ୍ ରାଲି ସହରବାସୀଙ୍କୁ ଭକ୍ତିମୟ ପରିବେଶରର ସନ୍ଦେଶ ଦେଇଥିଲା । ଅପରାହ୍ନରେ ସମସ୍ତ କେସିଙ୍ଗାବାସୀଙ୍କୁ ନେଇ ବିରାଟ ଶୋଭାଯାତ୍ରା ସହର ପରିକ୍ରମା ପରେ ମାଁ ଅମ୍ବେ ମନ୍ଦିରରେ ଶୋଭାଯାତ୍ରା ସମ୍ପନ୍ନ ହୋଇଥିଲା ।କେସିଙ୍ଗା ବ୍ରାହ୍ମଣ ସମାଜ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସଂଘ, ମାରୱାଡ଼ି ଯୁବା ମଞ୍ଚ ଓ ଅନେକ ସଂଗଠନ ପକ୍ଷରୁ ରାସ୍ତାରେ ଦହି ସରବତ, ଥଣ୍ଡା ପାନୀୟର ବ୍ୟବସ୍ଥା କରାଯାଇଥିଲା ।ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ଏସ୍‌ଡିପିଓ ସନ୍ଦୀପ ମାଝୀ ଉପସ୍ଥିତ ରହି ଟ୍ରାଫିକ ନିୟନ୍ତ୍ରଣ କରିଥିଲେ ।

## ● ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର



**ଗୋଲାମୁଣ୍ଡା :** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳନ ହୋଇଥିଲା । ଶିଶୁ ମନ୍ଦିର ଛାତ୍ରଛାତ୍ରୀମାନେ ରାମ, ଲକ୍ଷ୍ମଣ, ସୀତା ବେଶରେ ଆସି ଶିଶୁ ମନ୍ଦିର ଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ । ଶିଶୁ ମନ୍ଦିର ଉପସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ ଯୋଗଦାନ କରିଥିଲେ । ଶିଶୁ ମନ୍ଦିର ଗୁରୁଜୀ କୁଶ ରାଉତ, ପରମାନନ୍ଦ ମାଝୀ ଏବଂ ଗୁରୁମା ଦେବଜୀ ନାଏକ, ଦିବ୍ୟା ରାଣୀ ସାହୁ, ମମତା ଚଲାନ, ସୁସ୍ମିତା ସାହୁ, କାମିନୀ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ । ଉତ୍ସବ ଭକ୍ତିମୟ ପରିବେଶରେ ପାଳନ କରାଯାଇଛି । ଛାତ୍ରଛାତ୍ରୀ ଶ୍ରୀରାମଙ୍କ ଉତ୍ସବ ଅବସରରେ ଭଜନ, ଶ୍ଳୋକ ପାଠ କରିଥିଲେ । ଏସମଗ୍ର କାର୍ଯ୍ୟକ୍ରମ ଶିଷ୍ଟାଚାର ଓ ଭକ୍ତିର ଏକ ସୁନ୍ଦର ଦୃଷ୍ଟାନ୍ତ ହୋଇଥିଲା । ଯାହା ଛାତ୍ରମାନଙ୍କ ମନରେ ଭାରତୀୟ ସଂସ୍କୃତି ପ୍ରତି ଆଦର ବଢ଼ାଇଥିଲା ।

## ● ରାଜପୁତ କ୍ଷତ୍ରୀୟ ପାଇକ ସମାଜ



**କଲମପୁର :** କଳାହାଣ୍ଡି ଜିଲ୍ଲା ଉପଖଣ୍ଡସ୍ତରୀୟ ଶ୍ରୀରାମ ଜନ୍ମ ମହୋତ୍ସବ ପାଳନ ହୋଇଯାଇଛି । କଲମପୁର ବ୍ଲକ ଦେପୁର ରାଜପୁତ କ୍ଷତ୍ରିୟ ପାଇକ ସମାଜ ପକ୍ଷରୁ ଆୟୋଜିତ ଉତ୍ସବରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂଖ୍ୟାରେ ରାଜପୁତ କ୍ଷତ୍ରିୟ ପାଇକ ସମାଜର ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ । ଦେପୁର ନାମଯଜ୍ଞ ପଡ଼ିଆ ଠାରେ ପ୍ରଥମେ ସମସ୍ତେ ଉପସ୍ଥିତ ହୋଇ ସ୍ଥାନୀୟ ଗ୍ରାମଦେବୀ ମା'ଲଙ୍କେଶ୍ୱରୀଙ୍କ ପୀଠ ପର୍ଯ୍ୟନ୍ତ ପାରମ୍ପରିକ ଅସ୍ତ୍ର ଶସ୍ତ୍ର ପ୍ରଦର୍ଶନ ସହିତ ଶୋଭାଯାତ୍ରା ବାହାରିଥିଲେ ।ସେଠାରେ ପୂଜାର୍ଚ୍ଚନା ପରେ ମଶାଲ ନେଇ ସଭାସ୍ଥଳରେ ପହଞ୍ଚି ଶ୍ରୀରାମଙ୍କ ପୂଜାର୍ଚ୍ଚନା କରିଥିଲେ ।ପାରମ୍ପରିକ ରୀତିନୀତି ଅନୁସାରେ ପତାକା ଉତ୍ତୋଳନ ସମେତ ମଞ୍ଚର ଉଦ୍‌ଘାଟନ ଓ ଅତିଥିମାନଙ୍କ ଆସନ ଗ୍ରହଣ ଏବଂ କଳାକାରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ନୃତ୍ୟ ପରିବେଷଣ କରାଯାଇଥିଲା ।କ୍ଷତ୍ରିୟ ପାଇକଙ୍କ ରାଜକୀୟ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ଏବଂ ସମାଜର ଏକତା ବଜାୟ ରଖିବା ସହିତ କ୍ଷତ୍ରିୟକୂଳର ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଆଦର୍ଶକୁ ଉଦ୍‌ଜୀବିତ କରିବାର ଲକ୍ଷ୍ୟ ନେଇ ଉତ୍ସବକୁ ଧୁମ୍‌ଧାମରେ ପାଳନ କରାଯାଇ ଆସୁଛି ବୋଲି ଉପସ୍ଥିତ କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ ।

**ରବି ଧାନ ପଞ୍ଜୀକରଣ ସରିଲା**

# ବାଦ୍ ପଡ଼ିଲେ ଚାଷୀ, ଅବଧି ବୃଦ୍ଧିକୁ ଅପେକ୍ଷା

- ୫୩ ହଜାର ଚାଷୀଙ୍କ ପଞ୍ଜୀକରଣ
- ଅଧିକ ୫ ହଜାର ଚାଷୀଙ୍କ ପଞ୍ଜୀକରଣ
- ମିଲରୁ ଉଠୁନି ଲକ୍ଷାଧିକ କୁଇଣ୍ଟାଲ ଚାଉଳ
- ପରିସ୍ଥିତି ବିଗାଡି ଦେଇପାରେ ରବି ଧାନ ସଂଗ୍ରହ

ଭବାନୀପାଟଣା, ୨୭ ।୩(ସମିସ)

କଳାହାଣ୍ଡି ଜିଲ୍ଲାରେ ଖରିଫ ଧାନ ସଂଗ୍ରହରେ ହିସାବ ତୁଟିବା ସଙ୍ଗେ ସଙ୍ଗେ ରବି ଚାଷ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । କେତେକ ସ୍ଥାନରେ ଖରିଫ ଧାନ ମଣ୍ଡିରେ ପଡ଼ିରହିଥିଲେ ସୁଦ୍ଧା ଗତ ୨୧ତାରିଖରୁ ସମସ୍ତ ମଣ୍ଡି ବନ୍ଦ କରାଯାଇଛି । ସରକାରୀ ଭାବେ ମଣ୍ଡି ବନ୍ଦ ଅବଧି ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଘୋଷଣା ହୋଇଥିଲା । ତରବରିଆଭାବେ ପ୍ରଶାସନ ମଣ୍ଡି ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି । କାରଣ ମିଲର୍ସମାନେ ନିଜ ନିଜ ମିଲରେ ଖରିଫ ଧାନ ଗଚ୍ଛିତ ରଖିବା ପାଇଁ ସ୍ଥାନ ଅଭାବ କଥା ବାରମ୍ବାର କହି ଆସୁଥିଲେ । ଧାନନେବା ଲାଗି ମିଲର୍ସଙ୍କ ଉପରେ ଚାପ ସୃଷ୍ଟିକରି ଜିଲ୍ଲା ଯୋଗାଣ ବିଭାଗର ଉଦ୍ୟମ ସଫଳ ହୋଇଥିଲା ।ବର୍ତ୍ତମାନ ରବି ଧାନ ସଂଗ୍ରହ ନୀତି କେଉଁଆଡ଼କୁ ଗତି କରିବ ଏବେଠାରୁ କିଛି କହି ହେଉନାହିଁ ।କଳାହାଣ୍ଡି ଜିଲ୍ଲାରେ ୨୦୨୪/୨୫ର ଲକ୍ଷ ଲକ୍ଷ କୁଇଣ୍ଟାଲ କଷ୍ଟମ ମିଲ ରାଇସ ମିଲ ଗୁଡିକରୁ ଉଠିପାରିନାହିଁ । ପୁଣି ଚଳିତ ଖରିଫ ଧାନ ମହଜୁଦ ରଖାଯାଇଛି । ସେ ପରିସ୍ଥିତିରେ ରବି ଧାନ ସଂଗ୍ରହ ପାଇଁ ପ୍ରଶାସନ ସଜବାଜ ହେଉଥିବାବେଳେ ମିଲର୍ସଙ୍କ ଅଡୁଆ ବଢ଼ିବା ନିଶ୍ଚିତ ବୋଲି ମିଲର୍ସ ସଂଘ ପକ୍ଷରୁ ସଭାପତି ମହେଶ ବଂଶଲ୍ ପ୍ରକାଶ କରିଛନ୍ତି । ରବି ଧାନ ସଂଗ୍ରହ ଦିଗରେ ଗତବର୍ଷ ୭୦ଜଣ ମିଲର୍ସଙ୍କୁ ଟ୍ୟାଗ କରାଯାଇଥିବା ଜଣାପଡ଼ିଛି । ମିଲର୍ସଙ୍କ ତରଫରୁ ସ୍ଥାନ ଅଭାବ ଓ କିଛି ନିର୍ଦ୍ଦିଷ୍ଟ ଦାବିକୁ ନେଇ ଯେଉଁ ଅଭିଯୋଗ ଉଠିଥିଲା ତାହା ଆସନ୍ତା ରବି ଧାନ ସଂଗ୍ରହରେ କି ରୂପ ନେବ ଆଗକୁ ଜଣାପଡ଼ିବ । ତେବେ ରବି (ଡାଲୁଆ) ଧାନ ସଂଗ୍ରହ ପଞ୍ଜୀକରଣ ପ୍ରକ୍ରିୟା ଗତ ମାର୍ଚ୍ଚ ୧୦ ତାରିଖ ଠାରୁ ଆରମ୍ଭ ହୋଇଛି । ଯାହାକି ଗତବର୍ଷ ମାର୍ଚ୍ଚ ୧୫ରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଚଳିତବର୍ଷ ସରକାର କିନ୍ତୁ ୫ଦିନ ପୂର୍ବରୁ ଏହାକୁ ଆରମ୍ଭ କରିଥିଲେ । ହେଲେ ପ୍ରଥମ ଦିନରେ କଳାହାଣ୍ଡିରେ ବିଭାଗୀୟ ୱେବସାଇଟ ଖୋଲି ନ ଥିବାରୁ ଚାଷୀମାନେ ରବିର ରିନ୍ୟୁଆଲ ଫର୍ମ ନପାଇବା ସହ ପଞ୍ଜୀକରଣ ମଧ କେହି କରି ପାରି ନ ଥିଲେ । ପରେ ବିଭାଗୀୟ ବୈଠକ ପରେ ପଞ୍ଜୀକରଣ ଆରମ୍ଭ ହୋଇଥିଲା ।ତେବେ ପଞ୍ଜୀକରଣର ଶେଷ ଦିନ ବୁଧବାର ୨୫ ତାରିଖ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୫୩ ହଜାର ଚାଷୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି । ଗତ ବର୍ଷ ରବିରେ ଧାନ ବିକ୍ରି କରିବା ପାଇଁ ଜିଲ୍ଲାର ୪୮ ହଜାର୮୧୮ ଜଣ ଚାଷୀ ପଞ୍ଜୀକରଣ କରିଥିଲେ । ଯାହାକି ଚଳିତ ରବିରେ ଗତ ବର୍ଷ ଠାରୁ ୫ହଜାର ଚାଷୀ ଅଧିକ ପଞ୍ଜୀକରଣ କରି ସାରିଲେଣି । ରାଜ୍ୟ ସରକାରଙ୍କ ଇନପୁଟ ସହାୟତା ପରେ ଉଭୟ ଖରିଫ ଓ ରବିରେ କଳାହାଣ୍ଡିରେ ଚାଷୀଙ୍କ ପଞ୍ଜୀକରଣ ସଂଖ୍ୟା ବଢ଼ିବାରେ ଲାଗିଛି । ତେବେ ସରକାର ରବି ଧାନ ପଞ୍ଜୀକରଣ ସମୟ ମାତ୍ର ୧୫ ଦିନ ଦେଇଥିବା ବେଳେ ଜିଲ୍ଲାରେ ଏବେ ମଧ ଅନେକ ଚାଷୀ ପଞ୍ଜୀକରଣ କରି ପାରି ନ ଥିବା ଜଣାପଡ଼ିଛି । ବୁଧବାର ପଞ୍ଜୀକରଣ କରିବାର ଶେଷ ଦିନ ପାର ହେବା ସତ୍ତ୍ୱେ ବହୁ ଚାଷୀ ପଞ୍ଜୀକରଣ କରିବାରୁ ବାଦ୍ ପଡ଼ିଛନ୍ତି । ଏପରିକି ପଞ୍ଜୀକରଣର ଅବଧି ବୃଦ୍ଧିକୁ ନେଇଁ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମଧ ଗତ ୨୩ ତାରିଖ ରେ ବିଧାନସଭାରେ ସ୍ୱର ଉଠାଇଥିଲେ । ହେଲେ ଏହାପରେ ମଧ ସରକାରଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ପଞ୍ଜୀକରଣ ପାଇଁ ଗତ କିଛି ଦିନ ହେଲା ଜିଲ୍ଲାର ୯୩ଟି ପ୍ରାଥମିକ କୃଷି ସମବାୟ ସମିତି ଓ ଧାନ କ୍ରୟ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଖରେ ଚାଷୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ତେବେ ବିଭିନ୍ନ ସମୟରେ ସର୍ଭର କାମ କରୁ ନ ଥିବାରୁ ଚାଷୀଙ୍କ ପଞ୍ଜୀକରଣରେ ବାଧା ସୃଷ୍ଟି ହୋଇଥିଲା । ପ୍ରକାଶ ଯେ, ଗତ ଡିସେମ୍ବର ୩୦ ତାରିଖ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ରବି ଚାଷରେ ୭୬, ୪୩୦ ହେକ୍ଟର ଜମିରେ ରବି ଧାନ ଚାଷ ହେବ ବୋଲି ଆକଳନ ହୋଇଥିଲା । ସେହି ରିପୋର୍ଟ ଅନ୍ତତଃ ରାଜ୍ୟ ସରକାରଙ୍କୁ ପଠାଯିବା ପରେ ସେହି ଅନୁଯାୟୀ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ଆଶା କରାଯାଉଥିଲା । ଅଥଚ କୃଷି ବିଭାଗ କିଭଳି ଭାବରେ ପ୍ରାୟ ୬୦ ହଜାର ହେକ୍ଟର ଜମିରେ ଧାନ ଚାଷ ହେବ ବୋଲି ଆକଳନ କରିଛି ସେନେଇ ମଧ ଚାଷୀ ପ୍ରତିନିଧି ମହଲରେ ପ୍ରଶ୍ନ ଉଠିଛି । ଏଣୁ ପଞ୍ଜୀକରଣରୁ ଚାଷୀ ବାଦ୍ ପଡ଼ିଲେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବ । ଏହାର ଫଳ ସ୍ୱରୂପ ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ବିଭିନ୍ନ ସଙ୍ଗଠନ ସଜବାଜ ହେଉଥିବା ଜଣାପଡ଼ିଛି । ଏ ନେଇଁ ଜିଲ୍ଲା ଉପ ନିବନ୍ଧକ ସମବାୟ ସମିତି ସ୍ୱରୂପ କରଙ୍କୁ ପଚାରିବାରୁ ବୁଧବାର ପଞ୍ଜିକରଣର ଶେଷ ଦିନ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ ଅବଧି ବଢ଼ିବା ନେଇଁ କୌଣସି ବିଜ୍ଞପ୍ତି ଆସିନାହିଁ ବୋଲି କହିଥିଲେ ।

# କବି ମନୋହର ମେହେର ଜୟନ୍ତୀ



**ସିନାପାଲି, ୨୭ ।୩(ସମିସ):** ଓଡ଼ିଶା ଛତିଶଗଡ଼ ସୀମାରେ ଦିନେ ଓଡିଆ ଭାଷା ସଙ୍କଟରେ ଥିବା ବେଳେ ଠିକ୍ ସେହି ସମୟରେ ଓଡିଆ ସାହିତ୍ୟ ଓ ଭାଷାର ସୁରକ୍ଷାରେ କବି ମନୋହର ମେହେରଙ୍କ ସାରସ୍ୱତ ସାଧନା ମୁଖ୍ୟ ଭୂମୀକା ଗ୍ରହଣ କରିଥିବା କବିଙ୍କ ଜନ୍ମପୀଠ ନୂଆପଡ଼ା ଜିଲ୍ଲା ସିନାପାଲିରେ କବିଙ୍କ ଜୟନ୍ତୀ ପାଳନ ଅବସରରେ ମତ ପ୍ରକାଶ ପାଇଛି । ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସ୍ଥାନୀୟ ଏସଏସକେପି ପରିସରରେ ସମିତିର ସଭାପତି ବୈଷ୍ଣବ ମେହେର ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବକବି ପ୍ରଦ୍ୟୁମ୍ନ ସିଂହ ଚିନ୍ଦା ମେହେର କବିଙ୍କ ସାରସ୍ୱତ ସାଧନା ଓ ସାହିତ୍ୟ କୃତି ବିଷୟରେ ଆଲୋଚନା ରଖିଥିଲେ । ପ୍ରତିକୂଳ ପରିସ୍ଥିତିରେ ସାହିତ୍ୟ ସାଧନା କରି ସମାଜ ପାଇଁ ଅନେକ ଉପାଦେୟ କାବ୍ୟକବିତା ରଚନା କରିଯାଇଥିବା କବି ମନୋହରଙ୍କ ପଦ୍ୟାବଳୀକୁ ସଙ୍ଗୀତର ରୂପ ଦେଲେ ତାଙ୍କ କୃତୀ ଅଧିକ ସୁଦୂର ପ୍ରସାରି ହୋଇ ପାରିବ ତେଣୁ ଏଦିଗରେ ସ୍ୱର ସଙ୍ଗମ କଳା ପରିଷଦ ଓ ଗଙ୍ଗାଧର ସାରସ୍ୱତ ସମିତି ପଦକ୍ଷେପ ନେବାକୁ ସ୍ଥିର କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କୁମୁଦବନ୍ଧୁ ଯୋଷୀ, ଏସଏସକେପି ସଭାପତି ତ୍ରିନାଥ ମେହେର, ପ୍ରେମାନନ୍ଦ ମେହେର, ଅତୁଳ କୁମାର ପାତ୍ର, ଗୌତମ ମେହେର, ବଂଶୀଧର ଜଗତ, ପ୍ରସନ୍ନ ସାହୁ, ଯଶୋବନ୍ତ ସା, ମନୋଜ କୁମାର ଜଗତ ପ୍ରମୁଖ ଯୋଗ ଦେଇ କବିଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶେଷରେ କବି ରଶ୍ମିରଞ୍ଜନ ସା ଧନ୍ୟବାଦ ଦେଇଥିଲେ ।

# ବିଜମରା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**କଲମପୁର, ୨୭ ।୩(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଗୋଷ୍ଠୀଶିକ୍ଷା କାର୍ଯ୍ୟାଳୟଅଧୀନ ବିଜମରା ପିଏମ୍‌ଶ୍ରୀ ସ୍ୱାମୀ ବିବେକାନନ୍ଦ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ମଶାଲ ବାହାରି ସ୍କୁଲଖେଳ ପଡ଼ିଆରେ ସ୍ଥାପନ କରାଯିବା ପରେ ସମସ୍ତ ଅତିଥିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଖଗେଶ୍ୱର ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ ଯୋଗ ଦେଇଥିବାବେଳେ, ମୁଖ୍ୟବକ୍ତା ଭାବେ ସନ୍ଧ୍ୟା ମହାବିଦ୍ୟାଳୟ ଭବାନୀପାଟଣାର ଅଧକ୍ଷ ପରମେଶ୍ୱର ମୁଣ୍ଡ ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡାର ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃପାସିନ୍ଧୁ ପଣ୍ଡା, ଦୁଷ୍ମନ୍ତ ପାଢ଼ୀ ଡ଼ିଏସଏସଓ କଳାହାଣ୍ଡି, ବାଳକୃଷ୍ଣ ଧଙ୍ଗଡ଼ା ମାଝୀ ସରପଞ୍ଚ ବିଜମରା, ବିଜମରା ସ୍ୱାମୀ ବିବେକାନନ୍ଦ ଯୁବ ପରିଷଦ ସଭାପତି ପ୍ରଦ୍ୟୁମ୍ନ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ଠାକୁର ପ୍ରମୁଖ ଯୋଗଦାନ କରିଥିଲେ । ବିଦ୍ୟାଳୟର କ୍ରୀଡା ଶିକ୍ଷକ ଖେଳ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୁଇ ଦିନ ଧରି ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ବିଭାଗରୁ ବିଜୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ରୀଡା ଶିକ୍ଷକ ଦୁଃଶାସନ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଅନନ୍ତ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ମ.ରାମପୁର, ୨୭ ।୩(ସମିସ):** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ମାଣିକେରା ପଞ୍ଚାୟତ ଅଧିନସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପବିତ୍ର ରାମ ନବମୀ ଅବସରରେ ଚତୁର୍ଥ ବାର୍ଷିକ ଉତ୍ସବ ପାଳନ ହୋଇଛି ।ଏହି ଅବସରରେ ପ୍ରଥମେ ଶ୍ରୀରାମ ଚନ୍ଦ୍ରଙ୍କ ପୂଜାର୍ଚ୍ଚନା ସହିତ, ବିଦ୍ୟାଳୟ ପାଇଁ ନୂତନ ଭୂମିପୂଜନ କରାଯାଇଥିଲା ।ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ଅନନ୍ତ ଗୋପାଳ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ କଳାହାଣ୍ଡିର ବୀର ବାଦ୍ୟ ଘୁମୁରା ବଜାଇ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା ।ବିଦ୍ୟାଳୟର ପ୍ରଧାନ ଗୁରୁମା ସୁନୀତା ପୂଝାରୀଙ୍କ ଦ୍ୱାରା ବାର୍ଷିକ ବିବରଣୀ ପଠନ ହୋଇଥିଲା ।କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ ଯୋଗଦେଇ ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ମନ୍ମଥ କୁମାର ମିଶ୍ର, ସମ୍ମାନିତ ଅତିଥି ମ.ରାମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ କିଶୋର ଚନ୍ଦ୍ର ତ୍ରିପାଠୀ, ବରିଷ୍ଠ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ବୈଦ୍ୟ ନାରାୟଣ ଭୋଇ, ପ୍ରକୃତି ମିତ୍ର ଶୁକଦେବ ସାହୁ, ସମାଜସେବୀ ଶତ୍ରୁଘ୍ନ ମଲ୍ଲିକ, ସାମ୍ବାଦିକ ସୁବ୍ରତ କୁମାର ସାହୁ, ମୋହନଗିରି ଧବଳେଶ୍ୱର ମହା ବିଦ୍ୟାଳୟର ଅଧ୍ୟାପକ ଅଚ୍ୟୁତ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ ।ଚଳିତ ବର୍ଷ ବାର୍ଷିକ ଉତ୍ସବ ଆନୁକୂଲ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦିଆଯାଇଥିଲା । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ହେମାଙ୍ଗୀନି ପାତ୍ର ଏକଲବ୍ୟ ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିଶୁ ବିଦ୍ୟା ମନ୍ଦିରର କୁନି କୁନି ଛାତ୍ରଛାତ୍ରୀଙ୍କୁ ରାମ, ମାତା ସୀତା, ଲକ୍ଷ୍ମଣ ଓ ହନୁମାନ ବେଶରେ ସଜା ଯାଇ ନଗର ପରିକ୍ରମା କରାଯାଇଥିଲା ।କମିଟିର ସମ୍ପାଦକ ଯୋଗେନ୍ଦ୍ର ଧରୁଆ ଓ ସମାଜସେବୀ ଯୋଗେନ୍ଦ୍ର ସେନାପତିଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୂଚାରୁ ରୂପେ ପରିଚାଳନା ହୋଇଥିଲା ।କମିଟି ସଦସ୍ୟ କୌତୁକ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ ।

# ୧ରୁ ମାରାଗୁଡ଼ା ଲୋକ ମହୋତ୍ସବ

**ନୂଆପଡ଼ା, ୨୭ ।୩(ସମିସ):** ନୂଆପଡ଼ା ଜିଲ୍ଲାର ଇତିହାସ, ଐତିହ୍ୟ, ଲୋକକଳା ଓ ସଂସ୍କୃତିର ମହାପାର୍ବଣ ମାରାଗୁଡ଼ା ଲୋକ ମହୋତ୍ସବ-୨୦୨୬ ଆସନ୍ତା ଏପ୍ରିଲ୧ରୁ ୫ତାରିଖ ପର୍ଯ୍ୟନ୍ତ ନୂଆପଡ଼ାର ନ୍ୟାସନାଲ ମହାବିଦ୍ୟାଳୟ ପଡ଼ିଆରେ କରାଯିବାକୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି ପାଞ୍ଚଦିନିଆ ମହୋତ୍ସବରେ ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଆ ସଙ୍ଗୀତ ଜଗତର ଖ୍ୟାତନାମା କଣ୍ଠଶିଳ୍ପୀମାନେ ତାଙ୍କର ସୁରିଲା କଣ୍ଠରେ ଦର୍ଶକମାନଙ୍କୁ ମନୋରଞ୍ଜନ କରିବେ ବୋଲି ନିଷ୍ପତ୍ତି ହୋଇଛି । କାର୍ଯ୍ୟକ୍ରମ ଅନୁସାରେ ପ୍ରଥମ ଦିନ ଅର୍ଥାତ ଏପ୍ରିଲ ୧ତାରିଖ ଦିନ ପ୍ରସିଦ୍ଧ ଗାୟକ ବିଷ୍ଣୁ ମୋହନ କବି, ୨ତାରିଖରେ ସ୍ୱୟମ ପାଢ଼ୀ, ୩ରେ ଅନନ୍ୟା ଶ୍ରୀତମ ନନ୍ଦ, ୪ରେ ଜୟଶ୍ରୀ ଧଳ ଏବଂ ୫ ତାରିଖ ଶେଷ ରଜନୀରେ ଉମାକାନ୍ତ ବାରିକଙ୍କ କାର୍ଯ୍ୟକ୍ରମ ରହିଥିବା ସଂସ୍କୃତି ବିଭାଗ ସୂତ୍ରରୁ ପ୍ରକାଶ । ମହୋତ୍ସବ ପୂର୍ବରୁ କଳାକାରମାନେ ଭିଡିଓ ବାର୍ତ୍ତା ମାଧ୍ୟମରେ ନୂଆପଡ଼ାବାସୀଙ୍କୁ ଆମନ୍ତ୍ରଣ ଜଣାଇ ଉତ୍ସବରେ ବହୁ ସଂଖ୍ୟକ ଯୋଗଦେଇ ସଫଳ କରିବାକୁ ଅନୁରୋଧ କରିଛନ୍ତି ।ଏହି ଅବସରରେ ଲୋକକଳା, ସଂସ୍କୃତିକ କାର୍ଯ୍ୟକ୍ରମ, ହସ୍ତଶିଳ୍ପ ପ୍ରଦର୍ଶନୀ ଓ ଖାଦ୍ୟ ମେଳା ସହ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହେବ । ମାରାଗୁଡ଼ା ଅଞ୍ଚଳର ପୁରାତନ ଐତିହ୍ୟ ଓ ଲୋକସଂସ୍କୃତିକୁ ଜନମନରେ ପ୍ରଚାର କରିବା ମହୋତ୍ସବର ପ୍ରମୁଖ ଉଦ୍ଦେଶ୍ୟ । ମହୋତ୍ସବକୁ ଜିଲ୍ଲା ସଂସ୍କୃତି ପରିଷଦ, ଜିଲ୍ଲା ପ୍ରଶାସନ, ନୂଆପଡ଼ା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଆୟୋଜନ କରାଯାଉଛି ବୋଲି ଜିଲ୍ଲାପାଳ କହିଛନ୍ତି ।

# ଖଡ଼ିଛୁଆଁ ଉତ୍ସବ ପାଇଁ ଅଭିଭାବକଙ୍କୁ ନିମନ୍ତ୍ରଣ

**ଧର୍ମଗଡ଼, ୨୭ ।୩(ସମିସ):** ଏପ୍ରିଲ ୨ ତାରିଖରେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଖଡି ଛୁଆଁ ଉତ୍ସବ ଅନୁଷ୍ଠିତ ହେବ ।କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଧର୍ମଗଡ଼ ଅଞ୍ଚଳରେ ଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନୀ ମାଝୀଙ୍କ ନେତୃତ୍ୱରେ ଧର୍ମଗଡ଼ ବ୍ଲକ ବଡ଼ବସୁଲ ପଞ୍ଚାୟତର ବସୁଲ ଗାଁରେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ସରପଞ୍ଚ ମୁକୁନ୍ଦ ଶବର, ବିଭାଗୀୟ ଅଧିକାରୀ ମାନଙ୍କ ଉପସ୍ଥିତି ଓ ଶିକ୍ଷକମାନଙ୍କ ସହିତ ଘର ଘର ବୁଲି ନିମନ୍ତ୍ରଣ କରିଥିଲେ ।ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଏବିଇଓ ବିଶ୍ୱଜିତ ବେହେରା, ବିଆରସିସି ଅରୂପାନନ୍ଦ ଭୋଇ, ସିଆରସିସି ସଞ୍ଜୀବ ମେହେର, ଶିକ୍ଷୟିତ୍ରୀ ରେବତୀ ନାଏକ, ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ବସ୍ତିପଡ଼ାରେ ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ବାଣ୍ଟୁଛନ୍ତି ।ନୂତନ ଶିକ୍ଷା ବର୍ଷରେ ପିଲାଙ୍କ ନାମଲେଖାକୁ ତ୍ୱରାନ୍ୱିତ କରିବା ଏବଂଶିକ୍ଷାପ୍ରତି ପିଲାଙ୍କ ଆଗ୍ରହ ସୃଷ୍ଟି କରିବା ପାଇଁ ଏହି ଘରକୁ ଘର ସମ୍ପର୍କ ଅଭିଯାନ ହାତକୁ ନିଆଯାଇଛି । ଏନଏସି ଅଧକ୍ଷ ଶ୍ରୀ ମହାନ୍ତି କହିଛନ୍ତି ଯେ ଅଭିଭାବକଙ୍କ ସହଯୋଗ ବିନା ଶିକ୍ଷାର ବିକାଶ ଅସମ୍ଭବ । ୫ ରୁ ୬ ବୟସର ପିଲାଙ୍କୁ ଶିଶୁ ବଟିକା ରେ ଓ ୬ ବର୍ଷର ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଯିବ । ପାରମ୍ପରିକ ରୀତିନୀତି ଅନୁସାରେ ପିଲାମାନେ ଖଡ଼ି ଛୁଇଁ ପାଠପଢ଼ାର ଆରମ୍ଭ କରିବେ ।

**ଡୋକରୀ ଚଞ୍ଚରାରେ ଶ୍ରୀରାମ ନବମୀ**

# ଖୋଲିଲେନି ଦ୍ୱାର, ମନ୍ଦିର ବାହାରେ ହେଲା ପୂଜା

କୋକସରା, ୨୭ ।୩(ସମିସ)



ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା କୋକସରା ବ୍ଲକ ତୁତୁକାଠେଙ୍ଗା ପଞ୍ଚାୟତ ଖଲିଗଡ଼ସ୍ଥିତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରାଠାରେ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ନିରାଡ଼ମ୍ବର ଭାବେ ଶ୍ରୀରାମ ନବମୀ ପୂଜା କରାଯାଇଛି । ଏଠାରେ ପ୍ରତିବର୍ଷ ହଜାର ହଜାର ଭକ୍ତଙ୍କ ଭିଡ଼ ଭିତରେ ଶ୍ରୀରାମ ନବମୀ ଓ ଗୁଡ଼ହାଣ୍ଡି ମହୋତ୍ସବ ପ୍ରାୟ ସପ୍ତାହେ ବ୍ୟାପୀ ମହାଆଡମ୍ବରରେ ପାଳିତ ହେଉଥିଲା । କିନ୍ତୁ ଚଳିତ ବର୍ଷ ନିରାଡ଼ମ୍ବର ଭାବେ ପୂଜାର୍ଚ୍ଚନା କରାଯାଇଥିବା ଦେଖାଯାଇଛି ।ସୂଚନାଯୋଗ୍ୟ ଯେ' ପର୍ଯ୍ୟଟନ ସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରା ପରିଚାଳନା ଦାୟିତ୍ୱ ହସ୍ତାନ୍ତରକୁ ନେଇ ପୂର୍ବରୁ ଥିବା ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଓ ଗତ ବର୍ଷଠାରୁ ପରିଚାଳନା କରୁଥିବା ବନ ବିଭାଗ ଦ୍ୱାରା ଗଠିତ ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି) ମଧ୍ୟରେ ବାଦ ବିବାଦ ଲାଗି ରହିଛି । ଏହି ବିବାଦ ବର୍ତ୍ତମାନ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି । ତେବେ ଉଭୟ କମିଟିକୁ କଳାହାଣ୍ଡି ଜିଲ୍ଲାପ୍ରଶାସନ ପକ୍ଷରୁ ଅନେକ ଥର ସମନ୍ୱୟ ବୈଠକ ମଧ୍ୟମରେ ବୁଝାମଣା କରାଯାଇଥିଲେ ମଧ କୌଣସି ସମାଧାନର ବାଟ ବାହାରି ପାରୁନାହିଁ । ଏହାପରେ ଉଭୟ କମିଟି ପକ୍ଷରୁ କେହି ପୂଜା କରି ପାରିବେ ନାହିଁ, ପ୍ରଶାସନ ପକ୍ଷରୁ କେବଳ ଶ୍ରୀରାମ ନବମୀ ଦିନ ପୂଜା ଓ କୌଣସି ଉତ୍ସବ ହେବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା । ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରାରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଉପଖଣ୍ଡ ପୋଲିସ ଅଧିକାରୀ ଉର୍ସିତା ଆଡେପୁ, ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, କୋକସରା ତହସିଲଦାର ଚୋଡଗଙ୍ଗ ପ୍ରଧାନ, କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ ପହଞ୍ଚିଥିଲେ । ଶ୍ରୀରାମ ମନ୍ଦିର ମୁଖ୍ୟ ଦ୍ୱାର ବନ୍ଦ ଥିବା କାରଣରୁ ପ୍ରଶାସନ ପକ୍ଷରୁ ପଣ୍ଡିତଙ୍କ ଦ୍ୱାରା ବାହାରେ ପୂଜାର୍ଚ୍ଚନା କରାଇଥିବା ବେଳେ ଭକ୍ତ ନିଜ ଭଗବାନର ଦର୍ଶନ ନପାଇ କ୍ଷୋଭ ପ୍ରକାଶ କରିଛନ୍ତି । ଏପଟେ କୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନହେବ ସେନେଇ ପ୍ରଶାସନ ସଜାଗ ରହିଛି । ବନ ବିଭାଗ ପକ୍ଷରୁ ଏସିଏଫ୍ ଓଁକାର ଦାସ, ଧର୍ମଗଡ଼ ରେଞ୍ଜ ଅଧିକାରୀ ଭବାନୀ ଶଙ୍କର କାଉଁର, ବନପାଳ ରାଜେନ୍ଦ୍ର ନାଏକ ଓ କର୍ମଚାରୀମାନେ ଉପସ୍ଥିତ ରହିଥିବା ବେଳେ ଆମପାଣି ଥାନା ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି । ପର୍ଯ୍ୟଟନସ୍ଥଳୀର ପ୍ରବେଶ ଗେଟ୍ ପାଖରୁ ପୋଲିସ ପକ୍ଷରୁ କୌଣସି ଲୋକଙ୍କ ଯାନବାହନ ଭିତରକୁ ଛଡାଯାଇ ନଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁ ମନ୍ଦିର ବେଢ଼ାରେ ବୁଲାବୁଲି କରି ନିରାଶରେ ଫେରିଥିବା ଦେଖିବାକୁ ମିଳୁଛି । ବର୍ଷବର୍ଷ ଧରି ଗୁଡହାଣ୍ଡି ଡୋକରୀ ଚଞ୍ଚରାଠାରେ ପାଳିତ ହୋଇ ଆସୁଥିବା ଶ୍ରୀରାମ ନବମୀ ଓ ଗୁଡ଼ହାଣ୍ଡି ମହୋତ୍ସବ ଅଞ୍ଚଳବାସୀଙ୍କ ହୃଦୟରେ ସ୍ଥାନିତ ହୋଇଥିବାରୁ ଏହି ଦିନକୁ ଅପେକ୍ଷା କରି ରହିଥାନ୍ତି । ଦୀର୍ଘ ବର୍ଷର ପରମ୍ପରା ଭଙ୍ଗ ହୋଇଥିବାରୁ ଅଞ୍ଚଳବାସୀଙ୍କ ଭକ୍ତି ଭାବାବେଗ ପ୍ରତି ଘୋର ଆଘାତ ଲାଗିଛି ।

- ଭାଙ୍ଗିଲା ବର୍ଷ ବର୍ଷର ପରମ୍ପରା
- ଭକ୍ତଙ୍କ ଭାବାବେଗ ପ୍ରତି ଆଘାତ

**● ବସୁଧା ଯୋଜନା କାମ ସରୁନି**

# ଜଳସଙ୍କଟ ଆଶଙ୍କାରେ ଗ୍ରାମବାସୀ



**ଧର୍ମଗଡ଼, ୨୭ ।୩(ସମିସ):** ଧର୍ମଗଡ଼ ବ୍ଲକ ପର୍ଲାଗ୍ରାମରେ ଗ୍ରୀଷ୍ମପ୍ରବାହ ନ ହେଉନୁ ବିଶୁଦ୍ଧ ପାନୀୟ ଜଳ ସଙ୍କଟ ଦେଖାଦେଇଛି । ଆଗକୁ ଉଗ୍ରରୂପ ନେବା ସମ୍ଭାବନା ଥିବା ବେଳେ ଗାଁ ଲୋକଙ୍କୁ ଏବେଠୁ ପାନୀୟଜଳ ଚିନ୍ତା ଘାରିଛି ।ଗାଁରେ ପାନୀୟ ଜଳ ବ୍ୟବସ୍ଥା ପାଇଁ ବସୁଧା ଯୋଜନା ନିର୍ମାଣ କାମ ୨ବର୍ଷ ପରେ ବି ଶେଷ ହେବା ନା ଧରୁନି ।ଏଣେ କାମର ଅବଧି ଶେଷ ହେଲାଣି ହେଲେ ନିର୍ମାଣ କାମ ଶେଷ ହୋଇ ପାରି ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।ଧର୍ମଗଡ଼ ଗ୍ରାମ୍ୟ ଜଳ ଯୋଗାଣ ତତ୍ତ୍ୱାବଧାନରେ ଠିକାଦାର ଚୟନ ହୋଇ କାମ ଗତ ୨ବର୍ଷ ଠାରୁ ନିର୍ମାଣ କାମ ଆରମ୍ଭ ହୋଇଛି ।ଘର ଘର ପାଇପ ଲାଗିଥିବା ବେଳେ ଅନେକ ସ୍ଥାନରେ ଅଧା ହୋଇପଡ଼ି ରହିଛି । ବିଭିନ୍ନ ସ୍ଥାନରେ ପଏଣ୍ଟ ଦେବା ଓ ଓଭର ଟ୍ୟାଙ୍କ କାମ ଶେଷ ହୋଇଥିବା ମଧ୍ୟରେ ବିଦ୍ୟୁତ୍ ସଂଯୋଗ ଓ ବିଭିନ୍ନ ଯନ୍ତ୍ରପାତି କାମ ବାକି ରହିଥିବା ଠିକା ସଂସ୍ଥା କହୁଛି । ଆଗକୁ ପ୍ରବଳ ଗ୍ରୀଷ୍ମପ୍ରବାହ ମାଡି ଆସୁଛି । ବିଭାଗ ଓ ଠିକାଦାରଙ୍କ ଅବହେଳା ଯୋଗୁଁ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କା ସୃଷ୍ଟି ହୋଇଛି ।ଚଳିତ ବର୍ଷ ପ୍ରବଳରୁ ପ୍ରବଳ ଗାଁରେ ଜଳ ସଙ୍କଟ ଉପୁଜିବା ଅନୁମାନ କରାଯାଉଛି । ଏନେଇ ସ୍ଥାନୀୟ ସରପଞ୍ଚଙ୍କ ସମେତ ଗ୍ରାମର ଶତାଧିକ ମହିଳା ଗ୍ରାମ୍ୟ ଜଳଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ବାରମ୍ବାର ହେଲେଣି । ହେଲେ ଅଧିକାରୀ ଜଣକ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଉଛି ।ଅନ୍ୟପଟେ ଅଧା ପଡ଼ି ରହିଥିବା କାମ କେବେ ତ୍ୱରାନ୍ୱିତ ହେବ ପ୍ରଶ୍ନ ଉଠୁଛି ।ନା ଠିକାଦାରଙ୍କ ଦେଖା ମିଳୁଛି ନା ବିଭାଗର । ବିଭାଗ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଠିକାଦାର ସହ ସଲାସୁତୁରା ଯୋଗୁଁ ନିର୍ମାଣ କାମ ଅଧାରୁ ଅଟକି ରହିଥିବା ଆଲୋଚନା ହୋଉଛି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ନିର୍ମାଣ କାମ ସାରି ବିଶୁଦ୍ଧ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।ନଚେତ ଆଗାମୀ ଦିନରେ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବାକୁ ଗ୍ରାମର ଅରୁଣ ଜାଲ ଯୁଗଳ କିଶୋର ଜାଲ, ଖଗେଶ୍ୱର ନାଏକ, ଶ୍ରୀକାନ୍ତ ସୁନାନୀ, ରିପାନ୍ତ ବାଗ, ଲଛମନ ବାଗ ପ୍ରମୁଖ ଚେତାବନୀ ଦେଇଛନ୍ତି ।

ସକାଳ
THE SAKALA



**ଗ୍ରୀଷ୍ମପ୍ରବାହ ଆରମ୍ଭରୁ ଜଳକଷ୍ଟ**

# କାମକୁ ଆସୁନି ଆଡ଼ିବନ୍ଧ ଓ ଚେକ୍‌ଡ୍ୟାମ୍

**ଧର୍ମଗଡ଼, ୨୭ ।୩(ସମିସ)**



ଗ୍ରୀଷ୍ମ ପ୍ରଭାବ ବଢ଼ିବାରେ ଲାଗିଛି। ନଦୀ, ନାଳ ପୋଖରୀ ଶୁଖି ଆଁ କରିବାକୁ ବସିଲାଣି ।ମଣିଷ ଠାରୁ ଆରମ୍ଭ କରି ପଶୁପକ୍ଷୀ ଜଳ କଷ୍ଟରେ ଉବୁଟୁବୁ ହେଉଥିବା ଦେଖାଦେଲାଣି ।ଏଭଳି ସ୍ଥିତିରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଚେକ୍‌ଡ୍ୟାମ୍, ଆଡ଼ିବନ୍ଧ କିଛି କାମକୁ ଆସି ପାରୁନାହିଁ। ଯାହା ଏବେ ପ୍ରଶାସନର ଠିକାଦାର ପୋଷା ନୀତି ବୋଲି ଚର୍ଚ୍ଚା ହେଉଛି। ସରକାର ଜଳ ସଂରକ୍ଷଣ ତଥା ଚାଷ ଅନୁକୂଳ ଓ ବ୍ୟବହାର ଲାଗି କୋଟିକୋଟି ଟଙ୍କା ବିନିଯୋଗ କରି ଚେକ୍‌ଡ୍ୟାମ୍, ଆଡ଼ିବନ୍ଧ ନିର୍ମାଣ କରିଛନ୍ତି ।ହେଲେ ସଠିକ ସ୍ଥାନ ନିରୂପଣ ନ କରି ଠିକାଦାରଙ୍କୁ ସୁହାଇଲା ଭଳି ସ୍ଥାନରେ ନିର୍ମାଣ ହୋଇଥିବା ଚର୍ଚ୍ଚା ହେଉଛି। ବିଭିନ୍ନ ସ୍ଥାନର ଜୋର, ନଦୀ, ନାଳ ଆଦି ସ୍ଥାନରେ ଛତୁ ଫୁଟିଲା ଭଳି ନିର୍ମାଣ ହୋଇଛି କିନ୍ତୁ କୌଣସି କାମରେ ଆସୁ ନଥିବାରୁ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି ।ଧର୍ମଗଡ଼ ବ୍ଲକ ବିଭିନ୍ନ ପଞ୍ଚାୟତ ଅଧିନ ନଦୀ, ନାଳ, ଜୋର ଆଦି ସ୍ଥାନରେ ଶହ ଶହ ଚେକ୍‌ଡ୍ୟାମ୍ ଓ ଆଡ଼ିବନ୍ଧ ହୋଇଛି । ତେବେ ଦଣ୍ଡପାଟ ଅଞ୍ଚଳ ଟେଣ୍ଡାପାଲି ପଞ୍ଚାୟତ, ବେହେରା ପଞ୍ଚାୟତ ମଧ୍ୟରେ ଅନେକ ଚେକ୍‌ଡ୍ୟାମ୍ ଓ ଆଡିବନ୍ଧ ନିର୍ମାଣ ହୋଇଥିବା ବେଳର ପଛରେ ଅଛି ଜୟନ୍ତପୁର, ଧଅରପୁର, ପର୍ଲା, କଦଳିମୁଣ୍ଡା ଓ ଛଞ୍ଚାଣବାହେଲି ପଞ୍ଚାୟତ। ଶତାଧିକ ଚେକ୍‌ଡ୍ୟାମ୍ ସହ ଆଡ଼ିବନ୍ଧ ଏହି ପଞ୍ଚାୟତର ଅନେକ ସ୍ଥାନରେ ନିର୍ମାଣ ହୋଇଥିଲେ ମଧ କୌଣସି କାମକୁ ଆସୁ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏପରିକି ଗୋଟାଏ ନଦୀ, ନାଳ, ଜୋର ଭିତରେ ୧୦୦/୨୦୦ମିଟର ବ୍ୟବଧାନ ମଧ୍ୟରେ ଚେକ୍ ଡ୍ୟାମ ଓ ଆଡ଼ିବନ୍ଧ ନିର୍ମାଣ ହୋଇଥିବ ନଜର ରହିଛି ।ଏସବୁ ର ନିର୍ମାଣ କାମ ନିମ୍ନମାନର ହୋଇଥିବା ଯୋଗୁଁ ଅଧିକାଂଶ ଚେକ୍‌ଡ୍ୟାମ୍ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ବେଳେ ଆଡ଼ିବନ୍ଧ ଅବସ୍ଥା ସାଂଘାତିକ ଥିବା ନଜର ରହିଛି ।ତେବେ ଶହ ଶହ ଚେକ୍‌ଡ୍ୟାମ ଓ ଆଡ଼ିବନ୍ଧ ହୋଇଥିଲେ ହିଁ ନା ଜଳସଂରକ୍ଷଣ ରହିଛି ପାରିଛି ନା ଚାଷ କାମରେ ଆସିପାରୁଛି ।ଏପରିକି ପଶୁପକ୍ଷୀ ଟୋପାଏ ପାଣି ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି । ବାସ୍ତବତାସ୍ଥିତିକୁ ଅନୁସରଣ କରାଯାଏ -କୋଉଠି ନା କୋଉଠି ସରକାରୀ ଅର୍ଥର ଅପବ୍ୟବହାର ହୋଇଥିବା ଅନୁମାନ କରାଯାଏ ।କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭାଗ ପଞ୍ଚାୟତ ସମିତି ବିଭାଗ ଓ ଠିକାଦାର ମିଳିମିଶି ସରକାରୀ ଅର୍ଥ ଲୁଟ୍ କରିଥିବା ବିଷୟକୁ ଏଡାଇ ଦିଆଯାଇନପାରେ ।ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ଲୋକଲୋଚନ ଆସି ପାରିବ ବୋଲି ଅଞ୍ଚଳର ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ଭଟାଙ୍ଗପଦରରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**ଲାଞ୍ଜିଗଡ଼, ୨୭ ।୩(ସମିସ):** ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପାଦର କ୍ଲଷ୍ଟର ପକ୍ଷରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ରାଣିକଟାରେ ଦ୍ୱିଦିବସୀୟ ଶିକ୍ଷଣ ସାମଗ୍ରୀ (ଟିଏଲଏମ୍) ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାକୁ ଭଟାଙ୍ଗପଦର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ସାହୁ ଉଦଘାଟନ କରିଥିଲେ। ଆନୁଷ୍ଠାନିକ ଭାବରେ ଟିଏଲଏମ୍ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ଯୋଗଦେଇ ଶିକ୍ଷକମାନଙ୍କୁ ଟିଏଲଏମ୍ ବ୍ୟବହାର ମାଧ୍ୟମରେ ଶିକ୍ଷାଦାନକୁ ଆହୁରି ଆକର୍ଷଣୀୟ ଓ ଫଳଦାୟକ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ସୁଢଳଦେବ ମୁଣ୍ଡ ଓ ସମିତି ସଭ୍ୟ ରୂପେନ୍ଦ୍ର ଛତ୍ରିଆ ଉପସ୍ଥିତ ଥିଲେ ।ଏହି ଅବସରରେ କଟୋଡଘାଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦାମ ସୁନାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ସଭାକୁ ଜାମଚୁଆଁ ପ୍ରଧାନଶିକ୍ଷକ ଶିବପ୍ରସାଦ ଦାସ ପରିଚାଳନା କରିଥିଲେ। ପରବର୍ତ୍ତୀ ସମୟରେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ମେହେର, ସମିତି ସଭ୍ୟ ଶ୍ରୀ ଛତ୍ରିଆ, ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ସାହୁ, ରାଣିକଟା ପ୍ରଧାନଶିକ୍ଷକ ସୁଶାନ୍ତି, ନାନ୍ଦକନା ପ୍ରଧାନଶିକ୍ଷକ ଅନୀଲ ତ୍ରିପାଠୀ ତଥା ଅନ୍ୟାନ୍ୟ ଶିକ୍ଷକ ନିକଟସ୍ଥ କୋଏଲଗାଁ ଗସ୍ତ କରି ଶିକ୍ଷା ସଭାରେ ନୂତନ ଭାବରେ ଶିଶୁବାଟିକାରେ ନାମ ଲେଖାଉଥିବା ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ ।କ୍ଲଷ୍ଟର ଅନ୍ତର୍ଗତ ୧୬ଟି ବିଦ୍ୟାଳୟରୁ ଆସିଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସୃଜନଶୀଳ ଓ ନୂତନ ଧାରଣାମୂଳକ ଟିଏଲଏମ୍ ପ୍ରସ୍ତୁତ କରିଥିଲେ।

## ବସ୍-ପିକ୍‌ଅପ୍ ମୁହାଁମୁହିଁ ଧକ୍କା ; ୧୫ଯାତ୍ରୀ ଆହତ



**କୋକସରା, ୨୭ ।୩(ସମିସ) :** କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସୀମାନ୍ତ ମୈଦଲପୁର ଥାନା ଅଧିନ ଆମପାଣି ଘାଟି ରାସ୍ତାର ବୁଲାଣିରେ ଶୁକ୍ରବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଘରୋଇ ଯାତ୍ରୀବାହୀ ବସ୍ ଓ ପିକ୍‌ଅପ୍ ମୁହାଁମୁହିଁ ଧକ୍କା ହେବାରୁ ବସ୍ ଡ୍ରାଇଭର ଗୁରୁତର ହୋଇଥିବା ବେଳେ ୧୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଏସବିଏମଏସ ନାମକ ଘରୋଇ ବସ୍ ନଂ-ଓଡ଼ି୧୦ଏସ-୬୩୧୩ କଳାହାଣ୍ଡିରୁ ଜୟପୁର ଅଭିମୁଖେ ଯାଉଥିବା ସମୟରେ ମୈଦଲପୁର ଥାନା ଅଧୀନ ୨୬ ନମ୍ବର ଜାତୀୟ ରାଜପଥ ଆମପାଣି ଘାଟି ରାସ୍ତାର ଖଡକା ନିକଟରେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ନଂ-ସିଜି୦୪ଏନଏନ-୪୯୯୯ସହ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଥିଲା। ବସ୍‌ରେ ଥିବା ପ୍ରାୟ ୧୫ ଜଣ ଯାତ୍ରୀ ଆହତ ହୋଇଥିବାବେଳେ ବସ୍ ଡ୍ରାଇଭରଙ୍କୁ ଗଭୀର ଆଘାତ ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ମୈଦଲପୁର ଥାନା ପୁଲିସ ପହଞ୍ଚି ସମସ୍ତ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ମୈଦଲପୁର ଓ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇଥିଲେ। ପ୍ରକାଶ ଯେ' ଆମ୍ବପାଣିର ଖଡକାପଦର ବୁଲାଣିରେ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟିବାର ନଜିର ରହିଛି । ତେଣୁ ଜାତୀୟ ରାଜପଥ କର୍ତ୍ତପକ୍ଷ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ଜନସାଧାରଣରେ ଦାବି ହେଉଛି। ଏନେଇ ଦୁର୍ଘଟଣା ପରେ ମୈଦଲପୁର ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଶ୍ରୀରାମ ନବମୀ ପାଇଁ ଗାଁଠୁ ସହର ଚଳଚଞ୍ଚଳ

## ଭକ୍ତଙ୍କୁ ଦହିପଣା ବାଣ୍ଟିଲେ



**ମ. ରାମପୁର, ୨୭ ।୩ (ସମିସ):** ମଦନପୁରରାମପୁର ବ୍ଲକସ୍ଥିତ ଆମ୍ବେଦକର ଛକରେ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଲୋକନାଥ କୁମାରଙ୍କ ନେତୃତ୍ୱ ଏବଂ ସମାଜସେବୀ ଅଭିରାମ୍ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମଦନପୁର ରାମପୁର ଥାନାଧିକାରୀ ଚିତ୍ତରଞ୍ଜନ ପ୍ରଧାନି ଦହିପଣା ବଣ୍ଟନ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ସମ୍ମାନିତ ଅତିଥି ଭାବରେ ମଦନପୁରରାମପୁର କୋର୍ଟର ଆଇନଜୀବୀ ସଂଘର ସଭାପତି ଜୟସିଂଦେଓ ଅଲ, ଓଡ଼ିଶା ସିଦ୍ଧୁଲକାଷ୍ଟ ଫେଡେରେସନ କଳାହାଣ୍ଡିର ଜିଲ୍ଲା ସଭାପତି ବୃନ୍ଦାବନ ନାଗ, ଓଡ଼ିଶା ସାମ୍ବାଦିକ ସଂଘର ସମ୍ପାଦକ କମ୍ପୁ ପାଣି ମିଶ୍ର, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ସାମନ୍ତ ରାଏ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ସଂଘର ସଭାପତି କୃଷ୍ଣ ଚନ୍ଦ୍ର ସାହୁ, ଏଏସ୍ଆଇ ବି ଅଭିମନ୍ୟୁ ରାଓ, ସାମ୍ବାଦିକ ଲକ୍ଷ୍ମନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ସମାଜସେବୀ ସତ୍ୟ ନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଭିରାମ ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ହଜାର ହଜାର ଭକ୍ତଙ୍କ ଶୋଭାଯାତ୍ରା



**ଥୁଆମୂଳରାମପୁର, ୨୭ ।୩ (ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ସଦର ମହକୁମାରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅସ୍ଥାୟୀ ମନ୍ଦିରରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା ।ମୁଖ୍ୟପୂଜକ ଭାବେ ଆଲୋକ ରଞ୍ଜନ ମୁଣ୍ଡ ଦାୟିତ୍ୱ ନିଭାଇଥିବା ବେଳେ, କର୍ତ୍ତା ଭାବେ ବିରଞ୍ଚି ନାରାୟଣ ମୁଣ୍ଡଛିନା ଓ ପ୍ରବୀଣ କୁମାର ମୁଣ୍ଡ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପରେ ଶତାଧିକ ଭକ୍ତ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ଜୟ ଶ୍ରୀ ରାମ ଧ୍ୱନିରେ ଅଞ୍ଚଳ ଭକ୍ତିମୟ ହୋଇଯାଇଥିଲା। ଆୟୋଜକ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ସେବାଦଳର ଟଙ୍କଧର ପରିଚ୍ଛା, ସନ୍ତୋଷ କୁମାର ବାଗ, ସିଦ୍ଧାର୍ଥ ପଟ୍ଟନାୟକ, ଡୁଲୁ ପାଣିଗ୍ରାହୀ, ମଣ୍ଟୁ ପରିଚ୍ଛା, ପ୍ରିୟବ୍ରତ ପଣ୍ଡା, ସୁଧୀର ଦଣ୍ଡସେନା, ରାଜା ପାଣିଗ୍ରାହୀ, ଚିନ୍ମୟ ମୁଣ୍ଡ, ରୋଶନ ପଣ୍ଡା, ରୋମନ ପଣ୍ଡା, ବିଜୁ ପୂଜାରୀ, ଦିଲ୍ଲୀପ ଦୋରା, ଯଶୋବନ୍ତ ପରିଚ୍ଛା ଓ ଶୁଭମ୍ ଗୋପାଳ ସହ ଅନେକ କର୍ମକର୍ତ୍ତା ସହଯୋଗ କରିଥିଲେ। ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ

**ଭବାନୀପାଟଣା, ୨୭ ।୩ (ସମିସ):** ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ଶ୍ରୀରାମ ନବମୀ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମଙ୍କ ନୀତି ଆଦର୍ଶ ସମସ୍ତ ଛାତ୍ରଛାତ୍ରୀ ଜୀବନରେ ପାଳନ କରିବା ସହ ରାଷ୍ଟ୍ରଗଠନରେ ନିୟୋଜିତ ରହିବାକୁ ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ.ଶିବରାମ ନାୟକ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଶତାଧିକ ଛାତ୍ରଛାତ୍ରୀ ଅଭିଭାବକ ଉପସ୍ଥିତ ରହିଥିବା ବେଳେ ସ୍କୁଲର ଶିକ୍ଷୟିତ୍ରୀ ସରିତା ବାଗେଲ, ସମୀକ୍ଷ୍ୟାରାଣୀ ବେହେରା ସହଯୋଗ କରିଥିଲେ।




## ସିଉନୀରେ ଥଣ୍ଡାପାନୀୟ ବ୍ୟବସ୍ଥା ଉଦ୍‌ଘାଟିତ

**କୋକସରା, ୨୭ ।୩(ସମିସ):** କୋକସରା ବ୍ଲକ ବରାତଙ୍ଗା ପଞ୍ଚାୟତ ସିଉନୀଗ୍ରାମରେ ବ୍ଲକ ପ୍ରଶାସନ ପକ୍ଷରୁ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି ।କୋକସରା ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ପଞ୍ଚାୟତ ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ଗୋପିଚନ ନାଏକ, ସଞ୍ଜୟ ସିଂଗଲ, ସୁରେଶ ଅଗ୍ରୱାଲ, ରବି ନାରାୟଣ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ହିମାଞ୍ଚଳ ପୁଝାରି, ନରେନ୍ଦ୍ର ଧଙ୍ଗଡ଼ାମାଝୀ, ସୁମନ୍ତ କୁମାର ପଣ୍ଡା, ଭୁବନେଶ୍ୱର ଦିଶାରୀ, ବୈଦ୍ୟନାଥ ପଣ୍ଡା, ପରମେଶ୍ୱର ଧଙ୍ଗଡ଼ାମାଝୀ, ଭୁବନେଶ୍ୱର ପୂଝାରି, ଗୋପବନ୍ଧୁ ବିହାର ପ୍ରମୁଖ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ ଶେଷରେ ଭୁବନେଶ୍ୱର ଦିଶାରୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଶାସ୍ତ୍ରୀଜି ମହିଳା ମହାବିଦ୍ୟାଳୟରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର

**ଭବାନୀପାଟଣା, ୨୭ ।୩(ସମିସ):** ସ୍ଥାନୀୟ ଶାସ୍ତ୍ରୀଜି ମହିଳା ମହାବିଦ୍ୟାଳୟରେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ କଳାହାଣ୍ଡି ଜିଲ୍ଲା ଡାକସେବା ବିଭାଗ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ, କଳାହାଣ୍ଡି ବିବେକାନନ୍ଦ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ସହକାରୀଅଧିକ୍ଷକ ଡାକବିଭାଗ କଳାହାଣ୍ଡି ଏନ.ସଞ୍ଜୟ କୁମାର ଦୋରା, ଡିଓପିଏଲଆଇ ଅଭିଷେକ ପଣ୍ଡା ଉକ୍ତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଜୟରାମ ସାହୁ, ଅଧ୍ୟକ୍ଷା ନମିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆର୍ଥିକ ସାକ୍ଷରତା, ସାଇବର ଅପରାଧ ସମ୍ପର୍କରେ ସୂଚନା ଦେଇଥିଲେ। ସହକାରୀ ନିର୍ଦ୍ଦେଶକ ଶ୍ରୀ ମହାନନ୍ଦ ଆର୍ଥିକ ସାକ୍ଷରତା ଓ ସାଇବର ଅପରାଧ ଶିବିର ଆୟୋଜନର ଆଭିମୁଖ୍ୟ ଓ ସଚେତନତା ସମ୍ପର୍କରେ ଆଲୋକପାତ କରି ଛାତ୍ରଛାତ୍ରୀ ସଚେତନ ହେବାପାଇଁ ଆହ୍ୱାନ ଦେଇଥିଲେ। ଡାକସେବା ବିଭାଗର ଅଧିକାରୀମାନେ ଡାକବିଭାଗ ଦ୍ୱାରା ଉପଲବ୍ଧ ହେଉଥିବା ବିଭିନ୍ନ ଲାଭ ଜନକସ୍କିମ ଉପରେ ସୂଚନା ଦେଇଥିଲେ। ଶେଷରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

## ରେଳ ପ୍ରବନ୍ଧକଙ୍କ କେସିଙ୍ଗା ରେଳ ଷ୍ଟେସନ ପରିଦର୍ଶନ

**କେସିଙ୍ଗା, ୨୭ ।୩(ସମିସ):** କେସିଙ୍ଗା ରେଳ ଷ୍ଟେସନ ସମ୍ବଲପୁର ରେଳ ଡିଭିଜନର ରାଜସ୍ୱ ଆଦାୟରେ ପ୍ରମୁଖ ଷ୍ଟେସନ ମଧ୍ୟରୁ ଗୋଟିଏ। କେସିଙ୍ଗା ରେଳଷ୍ଟେସନ ଉପରେ କେବଳ କଳାହାଣ୍ଡି ଜିଲ୍ଲାର ରେଳ ଯାତ୍ରୀ ଙ୍କ ବଲାଙ୍ଗିର, ନୂଆପଡ଼ା, ନବରଙ୍ଗପୁର ଜିଲ୍ଲା ରେଳ ଯାତ୍ରୀମାନେ ନିର୍ଭର କରିଥାନ୍ତି ।କାରଣ କେସିଙ୍ଗା ରେଳ ଷ୍ଟେସନରେ ଉକ୍ତ ରୁଟର ସମସ୍ତ ଓ ପ୍ରମୁଖ ରେଳ ଗାଡ଼ିର ରହଣିସ୍ଥଳ କେସିଙ୍ଗା। ହେଲେ କେସିଙ୍ଗା ଷ୍ଟେସନ ରେ ଯାତ୍ରୀଙ୍କ ପାଇଁ କୌଣସି ବିଶେଷ ସୁବିଧା ମିଳୁନଥିଲା ଷ୍ଟେସନରେ ଭଲ ଶୌଚାଳୟ ନଥିଲା କି ଯାତ୍ରୀଙ୍କ ପାଇଁ ଭଲ ପାଇବା ପାଣିର ସୁବିଧା ନଥିଲା। ପରେ କେସିଙ୍ଗାର ବିଭିନ୍ନ ସଙ୍ଗଠନର ଦାବି ସାଙ୍ଗକୁ ଜିଲ୍ଲା ରେଳ ଯାତ୍ରୀ ସଂଘ ଓ ଅନ୍ୟାନ୍ୟ ସଂଗଠନର ଉଦ୍ୟମକ୍ରମେ କେସିଙ୍ଗା ରେଳ ଷ୍ଟେସନକୁ ଦୁଇ ବର୍ଷ ପୂର୍ବେ ଅମୃତଭାରତ ରେଳ ଷ୍ଟେସନ ତାଲିକାରେ ସାମିଲ କରି ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ଷ୍ଟେସନର ନବକଳେବର ଆରମ୍ଭ ହୋଇଥିଲା ।ପରେ ଅନେକ ସମୟରେ ବିଭିନ୍ନ ଗଣମାଧ୍ୟମରେ ଷ୍ଟେସନ ନବୀକରଣ କାମ ଠିକ୍ ହେଉନାହିଁ, ମନ୍ଥରଗତିରେ ଚାଲିଛି। ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ଓ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଗରିମା ଚୌଧୁରୀ ଅମୃତଭାରତ ଷ୍ଟେସନର କାମ ଓ ଅନ୍ୟାନ୍ୟ ସମସ୍ୟା ତଦାରଖ ପାଇଁ କେସିଙ୍ଗା ଷ୍ଟେସନ ଆସି ବିଭିନ୍ନ ପରିଯୋଜନାର ନିରୀକ୍ଷଣ କରିଥିଲେ ।ଡିଆରଏମ୍ ଆସିବେ ବୋଲି ବାକି ଦିନ ଅପେକ୍ଷା ଶୁକ୍ରବାର ଦିନ କେସିଙ୍ଗା ରେଳଷ୍ଟେସନକୁ ସୁନ୍ଦର ଭାବରେ ସଫା ସୁତୁରା କରାଯିବା ସହିତ ପ୍ଲାଟଫର୍ମକୁ ଚକାଚକ କରାଯାଇଥିଲା ।ବିଜେପି ନଗର ସଭାପତି ପୀଙ୍କୁ ପରିଡ଼ା, ଉପସଭାପତି ପ୍ରିତେସ ପଟେଲ, ସନ୍ତୋଷ ଦାସ, ବିମଳ ବାଗ, ମଣ୍ଟୁ ବର୍ମା ପ୍ରମୁଖ ଷ୍ଟେସନ ଯାଇ ଡିଆରଏମ୍‌ଙ୍କୁ ଷ୍ଟେସନ ବିଭିନ୍ନ ଛୋଟ ବଡ଼ ସମସ୍ୟା ଅବଗତ କରାଇବା ସହିତ ରେଳ ଯାତ୍ରୀଙ୍କ ସୁବିଧା ପାଇଁ ସମସ୍ୟାର ଯଥା ଶୀଘ୍ର ସମାଧାନ କରିବା ପାଇଁ ଆଲୋଚନା କରିଥିଲେ। ସମସ୍ତ ସମସ୍ୟା ଶୁଣିବା ପରେ ଡିଆରଏମ୍ ଶ୍ରୀ ଚୌଧୁରୀ ୧୫ ଦିନ ମଧ୍ୟରେ ସମସ୍ତ ଛୋଟ ଛୋଟ ସମସ୍ୟା ସମାଧାନ କରାଯିବା ସହିତ ଆଗକୁ କେସିଙ୍ଗା ଷ୍ଟେସନର ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



## ପର୍ଲାରେ ଅଷ୍ଟପ୍ରହର ନାମଯଜ୍ଞ

**ଧର୍ମଗଡ଼, ୨୭ ।୩ (ସମିସ):** ଧର୍ମଗଡ଼ ବ୍ଲକ ପର୍ଲାଗ୍ରାମ ତଳପଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ଗୁରୁବାର ଦିନ କଳସ ଯାତ୍ରା ହୋଇଥିଲା। ଗ୍ରାମ ନିକଟସ୍ଥ ମୁଦ୍ରା ନଦୀ କୂଳରେ ପୂଜାର୍ଚ୍ଚନା କରାଯାଇ ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇ ଯଜ୍ଞସ୍ଥଳରେ କଳସ ସ୍ଥାପନ କରିଥିଲେ। ଯଜ୍ଞ ବିଧି ଅନୁଯାୟୀ ରାତିରେ ପୂଜାର୍ଚ୍ଚନା ପରେ ସକାଳ ୬ଘଣ୍ଟା ସମୟରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି । ଶନିବାର ଦିନ ପୂର୍ଣ୍ଣ ଆହୁତି ପରେ ଯଜ୍ଞ ସମ୍ପନ୍ନ ହେବା ବ୍ୟବସ୍ଥା ରହିଛି। ନାମ ଯଜ୍ଞରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ଆନନ୍ଦବଜାର ଖୋଲା ଯାଇଛି । ଶାନ୍ତି ଶୃଙ୍ଖଳିତ ପାଇଁ କମିଟି ପକ୍ଷରୁ ସୁବ୍ୟବସ୍ଥା କରିଥିବା କମିଟି ସଭାପତି ପ୍ରକାଶ କରିଛନ୍ତି।

## ନୂଆପଡ଼ା ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




**ନୂଆପଡ଼ା, ୨୭ ।୩(ସମିସ):** ନୂଆପଡ଼ା ଭଳି ଉପାନ୍ତ ଜିଲ୍ଲାରୁ ଆଜିର ଦିନରେ ରାଜ୍ୟ ତଥା ଜାତୀୟସ୍ତରକୁ କବାଡି ଖେଳାଳିମାନେ ଚୟନ ହୋଇଯାଉଛନ୍ତି। ଆଗକୁ ମଧ ନୂଆପଡ଼ା ରାଜ୍ୟ ତଥା ଜାତୀୟସ୍ତରରେ ନାଁ କରିବ ବୋଲି ଶୁକ୍ରବାର ଦିନ ନୂଆପଡ଼ା ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିଥିମାନେ ମତ ରଖିଥିଲେ। ସଂଧାରେ ସ୍ଥାନୀୟ ତାରିଣୀ ମନ୍ଦିରରୁ ମଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶେଷରେ ପୁଲିସ ପଡ଼ିଆରେ ଟୁର୍ଣ୍ଣାମେଣ୍ଟସ୍ଥଳୀରେ ସ୍ଥାପନା କରାଯାଇଥିଲା। ଜିଲ୍ଲା କବାଡି ଖେଳାଳି ସଂଘ ସଭାପତି ହରିଶ ଅହୀରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯର୍ଯ୍ୟକ୍ରମରେ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି, ପୂର୍ବତନ ଓସିଏ ଉପସଭାପତି ସରୋଜ କୁମାର ସାହୁ, ସିଆରପିଏଫ କମାଣ୍ଡାଣ୍ଟ ଏରିକ ଗିଲବର୍ଟ ଯୋଷ, ଜିଲ୍ଲା କ୍ରିଡାଧିକାରୀ ରାଜେନ୍ଦ୍ର ବଡେଇ, ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀ, ଜିଲ୍ଲା ଓକିଲ ସଂଘ ସଭାପତି ସିତୁ ବୋଧନକର, ଗରିବ ସେନା ସଭାପତି ରବୀନ୍ଦ୍ର ମଙ୍ଗରାଜ, ଜିଲ୍ଲା ସାମ୍ବାଦିକ ସଂଘ(ଜାନ) ସଭାପତି ଘନଶ୍ୟାମ ଭୋଇ, ପ୍ରେମ ସାହୁ, ସରସ୍ୱତୀ ଶବର, ଟେକରାମ ସାହୁ, ମାଧବ ପ୍ରସାଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା ପରେ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ହୋଇଥିଲା। ପ୍ରଥମ ଦିନରେ ୮ଟି ଟିମ୍ ମଧ୍ୟରେ ଖେଳ ହେବ। ଆସନ୍ତା ୨୯ ତାରିଖ ଦିନ ଉଦ୍‌ଯାପନୀ କାର୍ଯ୍ୟକ୍ରମ ହେବ। ସୂଚନାଯୋଗ୍ୟ ଯେ ଗତ ବର୍ଷ ପ୍ରଥମ ଥର ପାଇଁ ଏହି ପ୍ରିମିୟର ଲିଗ ହୋଇଥିଲା। ଏଥର ଏହାକୁ ଭବ୍ୟ କରାଯିବାକୁ ଜିଲ୍ଲାର ବଛାବଛା ଖେଳାଳିଙ୍କୁ ସାମିଲ କରାଯାଇଛି। କାର୍ଯ୍ୟକ୍ରମରେ ଆୟୋଜକ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

**ଲୋକ ମହୋତ୍ସବ 'ଉଦନ୍ତୀ' ଉଦ୍‌ଘାଟିତ**

# ଚହଟିଲା କଳା ଓ ସଂସ୍କୃତିର ବାସ

**ସିନାପାଲି, ୨୭ ।୩(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳର ଲୋକକଳା, ସାହିତ୍ୟ ଓ ସଂସ୍କୃତିର ମହାନ ପର୍ବ ଉଦନ୍ତୀ ମହୋତ୍ସବ-୨୦୨୬ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅତସବାଜି ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଅପରାହ୍ନରେ ସିନାପାଲି ଦୁର୍ଗା ମନ୍ଦିରରୁ ମଶାଳ ଶୋଭାଯାତ୍ରା ଓ ଛତର ବାହାରି ମା'ମହୁଲଗୋଛେନ ମନ୍ଦିର ହୋଇ ସହର ପରିକ୍ରମା ପରେ ମହୋତ୍ସବ ମଞ୍ଚରେ ପହଞ୍ଚିଥିଲା । ଶୋଭାଯାତ୍ରା ଅବସରରେ ଘଣ୍ଟ ଶଙ୍ଖ, ଘୁମୁରା ସମେତ ଅନେକ ସାଂସ୍କୃତିକ ଅନୁଷ୍ଠାନର ସାଂସ୍କୃତିକ ଦଳ ସାମିଲ ରହିଥିଲେ। ଉଦ୍‌ଘାଟନ ଭବ୍ୟ ସମାରୋହକୁ ମହୋତ୍ସବର ପୂର୍ବତନ ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣି ମେହେର ଉଦ୍‌ଘାଟନ କରିଥିଲେ। ମହୋତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଧ୍ୟାକାଳୀନ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। କମିଟିର ଉପଦେଷ୍ଟା ରବୀନ୍ଦ୍ର ନାଥ ଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା କାର୍ଯ୍ୟରେ ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ବିଶିଷ୍ଟ ଅତିଥି ଭାବରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ସମ୍ମାନିତ ଅତିଥି ଭାବରେ ମହୋତ୍ସବ କମିଟିର ଉପଦେଷ୍ଟା ଶଶିଭୂଷଣ ମାଝି, ସିନାପାଲି ବ୍ଲକ ଉପାଧ୍ୟକ୍ଷା ମିନା ଘିଭେଲା, ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବୋଡ଼େନ ବ୍ଲକ ଅଧ୍ୟକ୍ଷା ପ୍ରେମଶିଳା ନାଗ, ଜିଲ୍ଲାପରିଷଦ ସଦସ୍ୟା ଆଶା ଜୈନ, ଅନ୍ୟତମ ଜିଲ୍ଲାପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ସିନାପାଲି ସରପଞ୍ଚ ସୁନୀତା ମେହେର, ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡଃ. ଶ୍ରୀମାନ ସାହୁ, ପୁଲିସ ଏସ୍‌ଡି ପିଓ ଉପେନ୍ଦ୍ର ପ୍ରଧାନ, ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଙ୍କୁ ଅତୁଲ କୁମାର ପାତ୍ର ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ସିନାପାଲି ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଦ୍ୱାରା ଦେବପୂଜନ ବେଦପାଠ କରିଯାଇଥିଲା ଓ ଚୂଡ଼ାମଣି ମେହେର ଓ ସାଥୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ପ୍ରେମାନନ୍ଦ ମେହେର ସ୍ମୃତି ସ୍ମାରକୀ ଓ ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ କମିଟିର ସଦସ୍ୟ ସୁବାଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମୁନିଗୁଡା ଘୁଡକା ନାଚ, ସୁର ମନ୍ଦୀର କଟକ ଦ୍ୱାରା ଶାସ୍ତ୍ରୀୟ ସଙ୍ଗୀତ ନୃତ୍ୟ, ଟିଟିଲାଗଡ଼ ବୀଣାପାଣି ଅନୁଷ୍ଠାନର ପଞ୍ଚ ରାଶି ଭାଇ ଜିଉଁତିଆ, ଭବାନୀପାଟଣା ନଟରାଜ ସାଂସ୍କୃତିକ ଅନୁଷ୍ଠାନର ଲୋକନୃତ୍ୟ ପ୍ରମୁଖ ପରିବେଷଣ କରାଯାଇଥିଲା। ଉଦ୍‌ଘାଟନ ସମାରୋହରେ ମହୋତ୍ସବ କମିଟିର ସଭାପତି ପ୍ରିୟରଞ୍ଜନ ମେହେର, ବରିଷ୍ଠ ଆଇନଜିବୀ ବୈଶମ୍ପାୟନ ମେହେର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଳମଣି ମେହେର, ଡମ୍ବୁରୁଧର ମେହେର, ନାରାୟଣ ପାତ୍ର, ଲିଙ୍ଗରାଜ ଘିଭେଲା, ତୁଳସୀ ରାମ ମେହେର, ଅରି ଗଞ୍ଜନ ଯୋଷି, ଅମିତ ଜୈନ, ସୁରଜ ମେହେର, ଦିବ୍ୟ ରଞ୍ଜନ ନାଏକଙ୍କ ସମେତ ଅନେକ ମାନ୍ୟ ଗଣ୍ୟ, ବୁଦ୍ଧିଜୀବୀ, ପ୍ରାସାସନିକ ଅଧିକାରୀ ସାମିଲ ଥିଲେ।





